

## ଜୀବନ ସଂଗ୍ରାମରେ ହାରିନାହାନ୍ତି ହୃଦାନନ୍ଦ

# ୩ ଚକିଆ ସାଇକଲ ପାଲଟିଛି ରୋଜଗାରର ସାହାରା

**ଚମ୍ପୁଆ,୩।୫(ସମିସ)**

ଭିନ୍ନକ୍ଷମ ହୋଇ ଜୀବନ ସଂଗ୍ରାମରେ ହାରି ନାହାନ୍ତି ହୃଦାନନ୍ଦ। ୭ ବର୍ଷ ତଳେ ପାରାଲିସିସ ରୋଗରେ ପୀଡ଼ିତ ହୃଦାନନ୍ଦ ନିଜ ପରିବାର ପ୍ରତିପୋଷଣ ପାଇଁ ସେତେଟା ସକ୍ଷମ ହୋଇନଥିଲେ ମଧ୍ୟ ନିଜକୁ ବେକାରୀ ସମସ୍ୟା ଠାରୁ ଦୂରେଇ ରଖିବାକୁ ଅହରହ ସଂଗ୍ରାମ ଚଳାଇଛନ୍ତି। ୪୦ ଡିଗ୍ରୀ ଗ୍ରୀଷ୍ମ ପ୍ରଭାବକୁ ଖାତିର ନକରି ସରକାରଙ୍କ ଦ୍ୱାରା ମିଳିଥିବା ୩ ଚକିଆ ବ୍ୟାଟେରି ଚାଳିତ ସାଇକଲ ମାଧ୍ୟମରେ ବେପାର ଜାରି ରଖିଛନ୍ତି। ସୂଚନା ଅନୁସାରେ ୩୦ ବର୍ଷିୟ ହୃଦାନନ୍ଦ ପରିବାରର ଅର୍ଥିକ ସ୍ଥିତିକୁ ସଜାଡିବା ପାଇଁ ୧୦ ବର୍ଷ ତଳେ ବାଙ୍ଗାଲୁରୁ ପଳାଇ ଯାଇଥିଲେ। ସେଠାରେ କାର୍ଯ୍ୟ କରିବା ସହିତ ବେଶ ୨ ପଇସା ରୋଜଗାର କରି ଗାଁ ମାଟିକୁ ଫେରି ଆସିଥିଲେ। ଏଠାରେ ମଧ୍ୟ ବେପାର ବଟା କରି ନିଜ ପରିବାରକୁ ଖୁସିରେ ରଖିଥିବା ବେଳେ ତାଙ୍କ ଉପରେ ଦୁଃଖର ପାହାଡ ଭାଙ୍ଗି ପଡିଥିଲା। ତାଙ୍କୁ ପାରାଲିସିସ ଆକ୍ରମଣ କରିବା ସହିତ ତାଙ୍କ ଡାହାଣ ଗୋଡ ଓ ଡାହାଣ ହାତକୁ ଅକାମୀ କରିଦେଇଥିଲା। ପରେ ସେ ଏକପ୍ରକାର ଭିନ୍ନକ୍ଷମ ପାଲଟି ଯାଇଥିବା ବେଳେ ସରକାରଙ୍କ ତରଫରୁ ତାଙ୍କୁ ବ୍ୟାଟେରି ଚାଳିତ ୩ ଚକିଆ ସାଇକଲ ପ୍ରଦାନ କରାଯାଇଥିଲା। ଏହି ସାଇକଲରେ ଲଦି ବିଭିନ୍ନ ପ୍ରକାର ଚକଲେଟ ଓ ନାନାଦି ସାମଗ୍ରୀ ରିମୁଳି ବଜାରରେ ବିକ୍ରି କରିବା ସହିତ ଦୈନିକ ସେ ୬୦ରୁ ୧୦୦ ଟଙ୍କା ରୋଜଗାର କରିପାରୁଥିବା ହୃଦାନନ୍ଦ ସୂଚନା ଦେଇଛନ୍ତି। ଦୃଢ ଇଛା ଶକ୍ତି ବଳରେ ସେ ନିଜକୁ ବେରୋଜଗାର ଠାରୁ ଦୂରେଇ ପାରିଛନ୍ତି ବୋଲି କଥା କହିପାରୁନଥିବା ହୃଦାନନ୍ଦ ଠାର ମାଧ୍ୟମରେ କହିଛନ୍ତି।

# ବଡ଼ନାଳ ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା




**ଆନନ୍ଦପୁର,୩।୫(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବାଉଁଶଗଡ ପଞ୍ଚାୟତର ବଡ଼ନାଳ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସୁଦାମ ଚରଣ ସାହୁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପାର୍ବତୀ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ଗୋଷ୍ଠୀ ସହକାରୀ ଶିକ୍ଷା ଅଧିକାରୀ ଅତୁଲ କୁମାର ବଳ, ମୁଖ୍ୟବକ୍ତା ଭାବେ କୋଡପଡା ହାଇସ୍କୁଲ ଶିକ୍ଷକ ଚିତ୍ତରଞ୍ଜନ ଘଡ଼େଇ ଓ ସମ୍ମାନିତ ଅତିଥି ଶିକ୍ଷୟିତ୍ରୀ କବିତା ଦିକ୍ଷୀତ, ପ୍ରଧାନ ଶିକ୍ଷକ ନିରଞ୍ଜନ ସାହୁ ଓ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଜଗନ୍ନାଥ ହେମ୍ବ୍ରମ ପ୍ରମୁଖ ଯୋଗ ଦେଇ ବିଦାୟୀ ଶିକ୍ଷକ ଶ୍ରୀ ସାହୁଙ୍କୁ ଉପଢୌକନ ଓ ଉପହାର ପ୍ରଦାନ କରି ସମ୍ବର୍ଦ୍ଧନା ଜଣାଇବା ସହିତ ତାଙ୍କର ନିଷ୍ଠାପର କାର୍ଯ୍ୟ ଦକ୍ଷତା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ, ଗ୍ରାମବାସୀ ଓ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଗାଁ ସାଥୀ ମେଟ ତରଫରୁ ଶ୍ରମିକ ଦିବସ ପାଳିତ



**ଆନନ୍ଦପୁର,୩।୫(ସମିସ):** ଗାଁ ସାଥୀ ମେଟ କ୍ରିୟାନୁଷ୍ଠାନ କମିଟି ତରଫରୁ ସ୍ଥାନୀୟ ବକ୍ସିବାରିଗାଁ ସ୍ଥିତ ତୃପ୍ତିସଫାରି ଠାରେ ଆଜି ଶ୍ରମିକ ଦିବସ ପାଳନ ହେଇଯାଇଛି। ଏହି ବୈଠକରେ ମୁଖ୍ୟଅତିଥି ସମାଜସେବୀ ରୁଦ୍ରସେନ ଜିତ, ମୁଖ୍ୟବକ୍ତା ପରିବେଶବିତ ରମେଶ ଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ରାଜ୍ୟ ଗାଁସାଥୀ ମେଟ୍ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ଲକ୍ଷ୍ମୀଧର ବିଶ୍ୱାଳ, ସମାଜସେବୀ ଭକ୍ତବତ୍ସଳ ମହାନ୍ତି, ଶିକ୍ଷାବିତ ବସନ୍ତ କୁମାର ଦାନୀ, ଆଇନଜୀବୀ ଜଗତଜିତା ଦାସ, କେନ୍ଦୁଝର ଏକଲ ଅଭିଯାନର ଉମାକାନ୍ତ ଦାସ ଯୋଗ ଦେଇଥିଲେ। ଗାଁସାଥୀ ମେଟ ମିଳିତ କ୍ରିୟାନୁଷ୍ଠାନ କମିଟିର ଉନ୍ନତି, ଏକତା ସହିତ ସେମାନଙ୍କ ମାଧ୍ୟମରେ ସମାଜର ଉନ୍ନତି ପାଇଁ ଆଲୋଚନା ହେଇଥିଲା। ହରିଚନ୍ଦନପୁର ବ୍ଲକ ଗାଁସାଥୀ ମେଟ ସଭାପତି ମନୋଜ ପଟେଲ ସଭା ପରିଚାଳନା କରିଥିବା ବେଳେ ଗାଁସାଥୀ ଶଦସ୍ୟ ପ୍ରଶନ୍ନ ନାଏକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ହରିଚନ୍ଦନପୁର ବ୍ଲକ ଟାଙ୍ଗୀରିଆପାଳ ସରପଞ୍ଚ ଘନଶ୍ୟାମ ବାରୀ, ଜିରାଙ୍ଗ ସରପଞ୍ଚ ରଞ୍ଜନ ନାଏକ, ସୁନାପେଣ୍ଠ ସରପଞ୍ଚ ସୁରେଶ ନାଏକ, ବରେଇଗୁଡା ସରପଞ୍ଚ ଜୁଳ ଜୁଆଙ୍ଗ, ବକ୍ସିବାରିଗାଁ ପଞ୍ଚାୟତ ଗାଁସାଥୀ ତତ୍ତ୍ୱଦର୍ଶୀ ନାଏକ, ହୁଣ୍ଡା ପଞ୍ଚାୟତର ଜଗବନ୍ଧୁ ସରଦାର, ସୁନାପେଣ୍ଠର ମାଣିକ ଦେହୁରୀ, ବରେଇଗୋଡାର ବିମଳା ଦେହୁରୀ, ପିଠାଗୋଳାର ପିତାମ୍ବର ଜୁଆଙ୍ଗ, ତେଲକୋଇ ବ୍ଲକ ପୁରୁଜୁଡା ସରପଞ୍ଚ କୁମୁଦିନୀ ନାଏକ, ଗାଁସାଥୀ ଡମ୍ବରୁଧର ନାଏକ, ଝୁମ୍ପୁରା ବ୍ଲକ ଅସନପାଟ ସରପଞ୍ଚ ଚିନ୍ମୟି ନାଏକ, ସାହାରପଡା ବ୍ଲକ ସିଲିପଦା ସରପଞ୍ଚ ଜୟନ୍ତୀ ମୁଣ୍ଡା, ପାଟନା ବ୍ଲକ ତୁରୁମୁଙ୍ଗା ସରପଞ୍ଚ ସୁଲେଖା ନାଏକ, ଟାଙ୍ଗରପଡା ସରପଞ୍ଚ ଅନିରୋଧ ନାଏକ, କେନ୍ଦେଇପସି ଗାଁସାଥୀ ସୁଶିଳା ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗାଁସାଥୀ ଉମାକାନ୍ତ ମହାନ୍ତ ଧନ୍ୟବାଦ ଦେଇଥିଲେ।

# ଗୋଚର ଜମିରେ ଖେଳପଡ଼ିଆ ନିର୍ମାଣକୁ ନେଇ ଅସନ୍ତୋଷ



**ଆନନ୍ଦପୁର,୩।୫(ସମିସ):** ଆନନ୍ଦପୁର ବ୍ଲକର କୋଡପଡା ଗ୍ରାମରେ ଗୋଚର କିସମ ଜମି ଉପରେ ଖେଳପଡିଆ ନିର୍ମାଣକୁ ନେଇ ଉପୁଜିଥିବା ଅସନ୍ତୋଷ ଏବେ ଉଗ୍ର ରୂପ ଧାରଣ କରିଛି। ଅଞ୍ଚଳବାସୀଙ୍କ ବିରୋଧ ସତ୍ତ୍ୱେ ଏହି ଗୋଚର ଜମିରେ ଖେଳପଡିଆ ନିର୍ମାଣ କରାଯିବାରୁ ଉକ୍ତ ଗ୍ରାମର ଶଙ୍କର୍ଷଣ ଶା କେନ୍ଦୁଝର ଜିଲ୍ଲାପାଳ, ଆନନ୍ଦପୁର ଉପଜିଲ୍ଲାପାଳ, ତହସିଲଦାର ଓ ବିଡିଓଙ୍କୁ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛ। ସୂଚନାଯୋଗ୍ୟ କୋଡପଡା ଗ୍ରାମରେ ଏକ ଖେଳପଡିଆ ନିର୍ମାଣ କରିବା ନିମନ୍ତେ କେନ୍ଦୁଝର ଜିଲ୍ଲା ଖଣିଜପାଣ୍ଠି ଅନୁଦାନରୁ ୪୮ ଲକ୍ଷ ୭ ହଜାର ଟଙ୍କା ବ୍ୟୟବରାଦ ହୋଇଥିଲା। ପ୍ଲଟ ନଂ ୧୭୬୭ ଗୋଚର ଏବଂ ପ୍ଲଟ ନଂ ୧୭୩୭ ରାସ୍ତା କିସମ ରହିଥିବା ବେଳେ ୨୦୧୦ ମସିହାରେ ଉକ୍ତ ଜମିକୁ ଜବରଦଖଲ କରି ଜଣେ ସ୍ଥାନୀୟ ବ୍ୟକ୍ତି ଆବାସ ନିର୍ମାଣ କରିବାକୁ ଉଦ୍ୟମ କରିଥିଲେ। ମାତ୍ର ସେ ସମୟରେ ଅଭିଯୋଗକାରୀ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇ ଏକ ରିଟ୍ ପିଟିସନ ଦାଖଲ କରିଥିଲେ। ଏହି ମାମଲାର ରାୟ ପ୍ରକାଶ କରି ଉକ୍ତ ଗୋଚର ଓ ରାସ୍ତା କିସମ ଜମି ଉପରେ କୌଣସି ନିର୍ମାଣ କାର୍ଯ୍ୟ କରାଯାଇ ପାରିବ ନାହିଁ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହାକୁ ଭୃକ୍ଷେପ ନ କରି ଖେଳପଡିଆ ନିର୍ମାଣ କରାଯାଉଥିବାରୁ ସାଧାରଣରେ ଉତ୍ତେଜକ ପରିସ୍ଥିତି ସୃଷ୍ଟି ହୋଇଛି। ଏନେଇ ଆନନ୍ଦପୁର ତହସିଲ ପକ୍ଷରୁ ଚିହ୍ନଟ କରାଯିବା ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଅଭିଯୋଗକାରୀ ଏନେଇ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ଉତ୍ତେଜନା ଉଗ୍ରରୂପ ଧାରଣ କରିଛି। ଉକ୍ତ ଘଟଣା ସମ୍ପର୍କରେ ଆନନ୍ଦପୁର ବିଡିଓ ଯୋଗ ରଞ୍ଜନ ନାୟକଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଆନନ୍ଦପୁର ତହସିଲଦାରଙ୍କୁ ଏନେଇ ଅବଗତ କରାଯାଇଛି ଓ ଯଥାଶୀଘ୍ର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ଆନନ୍ଦପୁର ସିଆରସିସିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା




**ଆନନ୍ଦପୁର,୩।୫(ସମିସ):** ଆନନ୍ଦପୁର ପୌରାଞ୍ଚଳର ଫକୀରପୁର ଉଚ୍ଚ ବିଦ୍ୟାଳୟର ପରିସରରେ ଆଚଳିକ ସାଧନ କେନ୍ଦ୍ରର ସଂଯୋଜକ ରଜତ କୁମାର ଦତ୍ତଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ସଞ୍ଜୟ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜିତ କୁମାର ବାରିକ, ମୁଖ୍ୟବକ୍ତା ଭାବେ କବି ତଥା ଅବସରପ୍ରାପ୍ତ ଶିକ୍ଷାଧିକାରୀ ଶରତ ରାଉତ ଓ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ହେମେନ୍ଦ୍ର ନାଥ ମହାନ୍ତି, ଅହଲ୍ୟା ଜେନା , ସନ୍ତୋଷ କୁମାର ଜେନା, ମନମୋହନ ମୁଦୁଲି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭାବଗ୍ରାହୀ ମଲିକ ପ୍ରମୁଖ ଯୋଗ ଦେଇ ବିଦାୟୀ ସିଆରସିସି ଶ୍ରୀ ଦତ୍ତଙ୍କୁ ଉପଢୌକନ ଓ ଉପହାର ପ୍ରଦାନ କରି ସମ୍ବର୍ଦ୍ଧନା ଜଣାଇବା ସହିତ ତାଙ୍କର ନିଷ୍ଠାପର କାର୍ଯ୍ୟ ଦକ୍ଷତା ଉପରେ ଆଲୋଚନା କରିଥିଲେ। ଶିକ୍ଷୟିତ୍ରୀ ଝରଣା ମଞ୍ଜରୀ ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷୟିତ୍ରୀ ରେବତୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ଶବ ସଂସ୍କାରକୁ ବିରୋଧ; ପୁଲିସ ଓ ସରପଞ୍ଚଙ୍କ ହସ୍ତକ୍ଷେପ ପରେ ହେଲା ସମାଧାନ

**ବେତନଟୀ,୩।୫(ସମିସ):** ଧର୍ମପରିବର୍ତ୍ତନ କରିଥିବାରୁ ଶବସଂସ୍କାର ପ୍ରକ୍ରିୟାକୁ ଗ୍ରାମବାସୀ ବିରୋଧ କରିବା ଫଳରେ ପ୍ରାୟ ୩୦ ଘଣ୍ଟା ପଡିରହିଲା ମୃତଦେହ। ଶେଷରେ ସରପଞ୍ଚ ଏବଂ ପୁଲିସ ହସ୍ତକ୍ଷେପ ପରେ ଗୁରୁବାର ସନ୍ଧ୍ୟାରେ ଶବସଂସ୍କାର କରାଯାଇଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବେତନଟୀ ଥାନା ତଥା ପଞ୍ଚାୟତ ଅଧୀନ ଆମ୍ବଯୋଡା ଉପକଣ୍ଠ ଲିଟାସାହି ଗ୍ରାମରେ। ଲିଟାସାହି ଗ୍ରାମର ଶ୍ୟାମ ମାଝୀଙ୍କ ପରିବାର କିଛିବର୍ଷ ହେବ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିବା ବେଳେ ଏହାକୁ ଗ୍ରାମବାସୀ ବିରୋଧ କରିଆସୁଥିଲେ। ଅନେକ ସମୟରେ ସ୍ୱଧର୍ମକୁ ପ୍ରତ୍ୟାବର୍ତ୍ତନ ନେଇ ମଧ୍ୟ ପ୍ରସ୍ତାବ ଦେଇ ଆସୁଥିଲେ ସୁଦ୍ଧା ଶ୍ୟାମ ମାଝୀ ପ୍ରତ୍ୟାଖ୍ୟାନ କରିଆସୁଥିଲେ। ତେବେ ଶ୍ୟମା ମାଝୀଙ୍କ ୧୭ ବର୍ଷିୟ ଅନଗ୍ରସର ଝିଅ ଟୁନି ମାଝୀ(୧୭) ଦୀର୍ଘଦିନ ହେବ ଅସୁସ୍ଥ ଥିବାବେଳେ ବୁଧବାର ମୃତ୍ୟୁବରଣ କରିଥିଲେ। ତେବେ ଖ୍ରୀଷ୍ଟଧର୍ମ ଅନୁସାରେ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ପାଇଁ ଲିଟାସାହିରେ କବରଖାନା ନ ଥିବାରୁ ଗ୍ରାମବାସୀ ଶବ ପୋତିବାକୁ ଦେଇ ନ ଥିଲେ। ଫଳରେ ଶବସଂସ୍କାର ହୋଇପାରି ନ ଥିଲା। ଏ ନେଇ ଗୁରୁବାର ଉଭୟପକ୍ଷ ଥାନାକୁ ଆସିଥିଲେ। ବେତନଟୀ ସରପଞ୍ଚ ପାନମଣି ମୁର୍ମୁଙ୍କ ମଧ୍ୟସ୍ଥତାରେ ବସିଥିବା ବୈଠକରେ ଆପୋଷ ଆଲୋଚନା ପୂର୍ବକ ଗାଁଠାରୁ ଦୂରରେ ଶବସଂସ୍କାର କରାଯିବାନେଇ ଲିଖିତ ରାଜିନାମା ପୂର୍ବକ ଆପୋଷ ସମାଧାନ ହୋଇଥିଲା।

# ଘସିପୁରାରୁ ସ୍ୱାଧୀନ ଲଢ଼ିବେ ସୌମ୍ୟରଞ୍ଜନ

**ଆନନ୍ଦପୁର, ୩।୫(ସମିସ):** କେନ୍ଦୁଝର ଜିଲ୍ଲା ଘସିପୁରା ନିର୍ବାଚନମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢିବେ ବୋଲି ସୌମ୍ୟରଞ୍ଜନ ପଟ୍ଟନାୟକ ଆଜି ଆନନ୍ଦପୁରଠାରେ ଆୟୋଜିତ ଏକ ବୈଠକରେ ଘୋଷଣା କରିଛନ୍ତି। ଆଜି ଅପରାହ୍ନରେ ଆନନ୍ଦପୁର ପଟ୍ଟନାୟକ ହ୍ୱାଇଟ ହାଉସଠାରେ ଆୟୋଜିତ ନେତୃମଣ୍ଡଳୀମାନଙ୍କ ବୈଠକରେ ଯୋଗ ଦେଇ ଜନ୍ମ ମାଟିରେ ପିତୃଋଣ ସୁଝିବା ପାଇଁ ସୁଯୋଗ ମିଳିଛି ବୋଲି ଘୋଷଣା କରିଥିଲେ। ସ୍ୱାଧୀନ ଭାବେ ନିର୍ବାଚନ ଲଢିବା ସବୁଠାରୁ ଶ୍ରେୟସ୍କର ବୋଲି ମତବ୍ୟକ୍ତ କରିଥିଲେ। ଯୁବନେତା ଯଜ୍ଞପ୍ରସାଦଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଚତୁର୍ଭୁଜ ନାୟକ, ବ୍ରଜବିହାରୀ ଜେନା, ପୂର୍ବତନ ପୌର ଉପାଧ୍ୟକ୍ଷ ସୁରେଶ ସାହୁ, ରାଜେନ୍ଦ୍ର ପଟ୍ଟନାୟକ, ଅମର ସିଂ, ମୀନାରାଣୀ ବେହେରା, ସରପଞ୍ଚ ବୃନ୍ଦାବନ ଜେନା, ପୂର୍ବତନ ସରପଞ୍ଚ କଳାକାର ନାୟକ, ପ୍ରଶାନ୍ତ କୁମାର ପାଲ, ରୁନା ଚକ୍ର, ଦୀପକ ବେହେରା, ଚଗଲା କୁଅଁର, ଦିଲୀପ ଦାଶ, ସଦା ନାୟକ, ଦୈତାରୀ ମହାକୁଡଙ୍କ ସମେତ ୫୫ଟି ପଞ୍ଚାୟତର ନେତୃମଣ୍ଡଳୀ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ରାଜାପ୍ରଭୁ ଦାସ, ରଞ୍ଜୁ ଜେନା, ଜଗନ୍ନାଥ ପାଢୀ ସହଯୋଗ କରିଥିଲେ।

# ନେସ୍କୋ ପାୱାର ଏମ୍ପ୍ଲଇଜ ୟୁନିୟନ ପକ୍ଷରୁ ଶ୍ରମିକ ଦିବସ

**ବେତନଟୀ,୩।୫(ସମିସ):** ବେତନଟୀ ଟାଟାପାୱାର ଉପଖଣ୍ଡ କାର୍ଯ୍ୟାଳୟରେ ନେସ୍କୋ ପାୱାର ଏମ୍ପ୍ଲଇଜ ୟୁନିୟନ ପକ୍ଷରୁ ବୁଧବାର ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଜ୍ଞାନରଞ୍ଜନ ପରିଡାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବରେ ଆସିଷ୍ଟାଣ୍ଟ ମ୍ୟାନେଜର ଇଂ. ଅଶ୍ୱନୀ କୁମାର ସାହୁ ଉଦଘାଟନ କରିଥିଲେ। ଏହି ଅବସରରେ ଶ୍ରମିକ ଦିବସ ପାଳନର ତାତ୍ପର୍ଯ୍ୟ ଏବଂ ଆଭିମୁଖ୍ୟ ଉପରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜ୍ୟୋତିଲାଲ ବିଶ୍ୱାଳ, ଚନ୍ଦନ ଜେନା, ପ୍ରଶାନ୍ତ ସାହୁ, ରମେଶ ସାହୁ, ଶୁଭାଶିଷ ଆସେ, ମନୋଜ ଧଳ, ମଣ୍ଟୁ ବାରିକ, ତପନ ପାତ୍ର, ବିଶ୍ୱଜିତ ଦାସ, ବିଶ୍ୱଜିତ ସାହୁ, ନିରଞ୍ଜନ ସେଠୀ, ପ୍ରବୀର ପାଣି ପ୍ରମୁଖ ଉପସ୍ଥିତ ଥିଲେ।

# ଆନନ୍ଦପୁରରେ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ




**ଆନନ୍ଦପୁର, ୩।୫(ସମିସ):** ଆନନ୍ଦପୁର ମ୍ୟୁନିସିପାଲିଟି ଛକରେ ଆଜି ବିଜୁ ଜନତା ଦଳର ଏକ ନିର୍ବାଚନ କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି। ଜିଲ୍ଲା ଯୁବ ବିଜେଡି ସଭାପତି ତଥା ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ସଂଯୋଜକ ରାକେଶ ରାମଙ୍କ ତତ୍ୱାବଧାନରେ ଆନନ୍ଦପୁର ବିଜେଡି ବିଧାୟକ ପ୍ରାର୍ଥୀ ଅଭିମନ୍ୟୁ ସେଠୀ, ଆନନ୍ଦପୁର ପୌର ଉପାଧ୍ୟକ୍ଷ ଦୁର୍ଗାଚରଣ ଦଳେଇ ଯୋଗ ଦେଇ କାର୍ଯ୍ୟାଳୟର ଶୁଭ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ମହେନ୍ଦ୍ର ମହାପାତ୍ର, କାଉନସିଲର ରଶ୍ମିତା ବାରି, ବିଜେଡି ନେତା ରମାକାନ୍ତ ବେହେରା, ଯୁବ ବିଜେଡି ଜିଲା ସାଧାରଣ ସମ୍ପାଦକ ସତ୍ୟବ୍ରତ ରାମ, ନାରୀନେତ୍ରୀ ମମତାରାଣୀ ଜେନା, ରମାକାନ୍ତ ବେହେରା, ସଂଜୟ ଦଳେଇ, ଆଇନଜିବୀ ସୁରଥ ବେହେରା, ସପନ ବେହେରା, ବିଜୁ ଛାତ୍ର ଜନତା ଦଳ ସଭାପତି ଶୁଭ୍ରଜିତ ରାମ, ଦେବାଶିଷ ରାମ, ଚାନ୍ଦୁ ସିଂ, ସୁରେନ୍ଦ୍ର ନାୟକ, ରାଜା ସିଂ ପ୍ରମୁଖ ଯୋଗ ଦେଇଥିଲେ।

# ବାଙ୍ଗୋର ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା



**ସୋସୋ,୩।୫(ସମିସ):** ହାଟଡିହୀ ବ୍ଲକ ସରକାରୀ ଉପ୍ରା ବିଦ୍ୟାଳୟ ବାଙ୍ଗୋରରେ ଆଞ୍ଚଳିକ ସାଧନ କେନ୍ଦ୍ର ବାଙ୍ଗୋର ପକ୍ଷରୁ ୪ଜଣ ଶିକ୍ଷକ ନାରାୟଣ ଚନ୍ଦ୍ର ଲେଙ୍କା, ମାଧବା ନନ୍ଦ ଆଇଚ, ନାରାୟଣ ଚନ୍ଦ୍ର ଖମାରୀ ଓ ଗୋବିନ୍ଦ ଚନ୍ଦ୍ର ବାରିକଙ୍କୁ ଅବସରକାଳିନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସରକାରୀ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଙ୍ଗାଧର ମହୁରୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଶିକ୍ଷକ ନେତା ତଥା ପଢିଆରିପଲ୍ଲି ନୋଡାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାଥ ରାଉତ ଯୋଗ ଦେଇଥିବାବେଳେ ଶଶି ଭୁଷଣ ପୁହାଣ, ସତ୍ୟନାରୟଣ ଜେନା, ସିଆର୍‌ସିସି ବସନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ଅବସର ନେଇଥିବା ଶିକ୍ଷକମାନଙ୍କର କର୍ତ୍ତବ୍ୟ ନିଷ୍ଠ ସମାୟନୁବର୍ତ୍ତିତା, ଛାତ୍ରବତ୍ସଳ ଆଦି ବିଭିନ୍ନ ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ସମୟରେ ଶିକ୍ଷକ ଶିକ୍ଷୟିତ୍ରୀ ବିଶ୍ୱରଞ୍ଜନ ବେହେରା, ମାମା ଲିସା ବାରିକ, ଜଗଦିସ୍ ଜେନା, ନରେନ୍ଦ୍ର କୁମାର ମହାରଣା, ଭୀମସେନ ନାୟକ, ଚିନ୍ମୟ ବାଳା ନନ୍ଦ, ରଶ୍ମିରଞ୍ଜିତା ପାଣିଗ୍ରାହୀ, ମମତା ସାହୁ ଓ ପ୍ରଭାତୀ ସାହୁ ପ୍ରମୁଖ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ପରିଚାଳନା ଓ ସହଯୋଗ କରିଥିଲେ।

## ସଫଳ ଚାଷୀ କ୍ରିଷ୍ଣା ମୁଣ୍ଡା

# ଚାଷ କରିଛି ସ୍ୱାବଲମ୍ବୀ

**ଚମ୍ପୁଆ,୩।୫(ସମିସ)**



ଚମ୍ପୁଆ ଏନଏସି ଅନ୍ତର୍ଗତ ୧୩ ନମ୍ବର ୱାର୍ଡ ନୂଆ ଗାଁ ହୁଡି ସାହିର କ୍ରିଷ୍ଣା ମୁଣ୍ଡା ନିଜକୁ ଜଣେ ସଫଳ ଚାଷୀ ଭାବେ ପରିଚିତ କରାଇପାରିଛନ୍ତି। ଆର୍ଥିକ ଅନାଟନ ଯୋଗୁଁ ୧୦ମ ଶ୍ରେଣୀ ପାଠ ପଢିଥିବା କ୍ରିଷ୍ଣା କିଛି ବର୍ଷ ତଳେ ପାରମ୍ପାରିକ ଚାଷ କରି ନିଜର ପରିବାରର ଗୁଜୁରାଣ ମେଂଟାଉଥିଲେ। ମାତ୍ର ପରମୁହୂର୍ତ୍ତରେ ପାରମ୍ପାରିକ ଚାଷ ଠାରୁ ନିଜକୁ ଦୂରେଇ ଦେଇ ଋତୁ ଅନୁଯାୟୀ ଚାଷ ଉପରେ ଗୁରୁତ୍ୱ ଦେବା ସହିତ ନିଜକୁ ଆର୍ଥିକ ସ୍ୱାବଲମ୍ବି କରିପାରିଥିବା କହିଛନ୍ତି। ପିତାଙ୍କ ପଦାଙ୍କ ଅନୁସରଣ କରି ପ୍ରଥମେ ଧାନ ଚାଷ କରୁଥିବା କ୍ରିଷ୍ଣା ସେତେଟା ସଫଳ ହୋଇପାରିନଥିବା ବେଳେ ପରେ ପରେ ସ୍ଥାନୀୟ ବଜାରରୁ ଚାହିଦା ଲକ୍ଷ କରି ଚାଷର ପ୍ରଣାଳୀ ସହିତ ବିଭିନ୍ନ ପ୍ରକାର ଚାଷ ଉପରେ ଗୁରୁତ୍ୱ ଦେଲେ। ତରଭୁଜ ଚାଷ ପ୍ରଥମେ ତାଙ୍କୁ କ୍ଷତି ପହଁଚାଇଥିବା ବେଳେ ପରେ ଏହି ଚାଷ ତାଙ୍କୁ ବାର୍ଷିକ ଲକ୍ଷାଧିକ ଟଙ୍କା ଲାଭ ଦେଇଥିଲା। ଏହି ଚାଷ ସହିତ ନିଜ ଧାନ ଚାଷରୁ ସଂଗ୍ରହ କରାଯାଇଥିବା ନଡା ଦ୍ୱାରା ଛତୁ ଚାଷ ଆରମ୍ଭ କରିଥିଲେ। ସ୍ଥାନୀୟ ପରିଡା ସିଡସ୍ ଦୋକାନରୁ ଛତୁ ମଞ୍ଜି ସଂଗ୍ରହ କରିବା ସହିତ ଛତୁ ଚାଷର ପ୍ରଣାଳି ଅନୁଯାୟୀ ନିଜ ଘର ଭିତରେ ଏହା ଆରମ୍ଭ କରିଥିଲେ। ବର୍ଷର ୩ ମାସ ଏହି ଚାଷକୁ ଗୁରୁତ୍ୱ ଦେଇ ଚାଷ କରିବା ସହିତ ବେଶ ଲାଭବାନ ହୋଇପାରିଛନ୍ତି। ଛତୁ ମଞ୍ଜି ବୋତଲକୁ ୩୦ ଟଙ୍କା ଦରରେ କିଣୁଥିବା ବେଳେ ୩୦୦ ରୁ ୪୦୦ ଗ୍ରାମ ଅମଳ ଛତୁକୁ ୧୦୦ ଟଙ୍କାରେ ବିକ୍ରି କରୁଛନ୍ତି। ଏହି ଛତୁ ଅମଳ ପାଇଁ ୧୦ ରୁ ୧୨ ଦିନ ଲାଗୁଥିବା ବେଳେ ବେଡ ପିଛା ୮୦୦ ରୁ ୧ କିଗ୍ରା ଛତୁ ଅମଳ କରାଯାଉଛି। ମାର୍ଚ୍ଚ ମାସରୁ ଜୁଲାଇ ମାସ ପର୍ଯ୍ୟନ୍ତ ଏହି ଛତୁ ଚାଷ କରି ମାସକୁ ୧୫ ରୁ ୨୦ ହଜାର ଟଙ୍କା ରୋଜଗାର କରିଥାନ୍ତି। ଚଳିତ ବର୍ଷ ବଜାର ଚାହିଦା ଅନୁଯାୟୀ ତରଭୁଜ ବିକ୍ରି କରି ସେ ପ୍ରାୟ ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲାଭ କରିଥିବା ସୂଚନା ଦେଇଛନ୍ତି। ଏହା ସହିତ ବାଇଗଣ, ବିଲାତି, ଜହ୍ନି, କାକୁଡି ଆଦି ପନିପରିବା ଚାଷ ମଧ୍ୟ ତାଙ୍କୁ ଆଜି ସଫଳତା ଦେଇପାରିଥିବା ବେଳେ ନିଜ ବାଡିରେ ଏକ ଗ୍ରୀନ ହାଉସ କରିବାକୁ ସେ ବିଭାଗକୁ ନିବେଦନ କରିଛନ୍ତି। ଏ ନେଇ ବ୍ଲକ କୃଷି ଅଧିକାରୀ ନୀଳମାଧବ ଦାସଙ୍କ ଯୋଗାଯୋଗ କରିବାରୁ କହିଛନ୍ତି ଯେ ତାଙ୍କର ଗ୍ରୀନ ହାଉସ ବାବଦରେ ଉଦ୍ୟାନ କୃଷି ବିଭାଗ ସହ ସେ ଆଲୋଚନା କରିବେ ଏବଂ କ୍ରିଷ୍ଣା ମୁଣ୍ଡା ଯେ କୌଣସି ମୁହୂର୍ତ୍ତରେ କୃଷି ଜନିତ ପରାମର୍ଶ ଆଶା କରିବେ ତାଙ୍କୁ ସହାୟତା କରାଯିବ ବୋଲି ସୂଚନା ଦେଇଛନ୍ତି।

ପାରିବାରିକ କଳହ ସାଜିଲା ମଦ୍ୟପ ସ୍ୱାମୀର ମୃତ୍ୟୁର କାରଣ

## ହତ୍ୟା ଅଭିଯୋଗରେ ସ୍ତ୍ରୀ, ଶାଶୁ ଓ ଦିବ୍ୟାଙ୍ଗ ଶଶୁର କୋର୍ଟଚାଲାଣ



**ବିଶୋଇ, ୩।୫(ସମିସ):** ଅତ୍ୟଧିକ ନିଶାସେବନରୁ ପାରିବାରିକ କଳହ ଉଗ୍ର ରୂପ ଧାରଣ କରି ହତ୍ୟା ଭଳି ଜଘନ୍ୟକାଣ୍ଡ ଘଟଣା ଘଟାଇ ଗୋଟିଏ ପରିବାରକୁ ସମ୍ପୂର୍ଣ୍ଣ ଛାରଖାର କରିଦେଇଛି। ବିଶୋଇ ଥାନା ଅଧୀନସ୍ଥ ବନେଇକଳା ପଞ୍ଚାୟତ ଜାମୁଝରି ଗ୍ରାମରେ ଏବଳି ଘଟଣା ଦେଖିବାକୁ ମିଳିଛି। ନିଶାସେବନ କରି ଘରେ ପାରବାରିକ କଳହରେ ଏହି ଗ୍ରାମର ଦଶରଥ ନାଏକ(୪୫)ଙ୍କ ମୃତ୍ୟୁ ଘଟିଛି। ଦଶରଥଙ୍କୁ ହତ୍ୟା ଅଭିଯୋଗରେ ତାଙ୍କର ସ୍ତ୍ରୀ କମଳା ନାଏକ(୩୦) ଏବଂ ଦିବ୍ୟାଙ୍ଗ ଶଶୁର ନଟବର ନାଏକ(୬୦) ଓ ଶାଶୂ ସୁକୁଟି ନାଏକ(୫୫) ଗିରଫ ହୋଇଛନ୍ତି। ବିଶୋଇ ଥାନାରେ ଏକ ମାମଲା ରୁଜ୍ଜୁ ହୋଇ ସମସ୍ତ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ସୂଚନାଥାଉକି, ୧୦ ବର୍ଷ ପୂର୍ବରୁ ଜାମୁଝରି ଗ୍ରାମର ଦଶରଥ କେନ୍ଦୁଝର ଜିଲ୍ଲା ଘଟଗାଁ ଥାନାଅଞ୍ଚଳର ନଟବର ନାଏକ ଓ ସୁକୁଟିଙ୍କ ଝିଅ କମଳାଙ୍କୁ ବିବାହ କରିଥିଲେ। ଡ୍ରାଇଭର କାମ କରି ଦଶରଥ ନିଜ ପରିବାରକୁ ଠିକଠାକ ଭାବରେ ପ୍ରତିପୋଷଣ କରି ଆସୁଥିଲେ ମଦ୍ୟପାନ ପାଇଁ ପରିବାର ଛାରଖାର ହୋଇଗଲା। ପୁଲିସସୂତ୍ରରୁ ଜଣାପଡ଼ିଛିକି, ଗତ ବୁଧବାର ଦଶରଥ ପ୍ରଚୁର ମଦ୍ୟପାନ କରି ବୁଡ଼ିଆ ଧରି ଘର ଦ୍ୱାରରେ ଜଗି ବସିଥିଲେ। ଘରେ ତାଲା କଣ ପାଇଁ ପକାଇଛୁ ବୋଲି ଦଶରଥ ପତ୍ନୀ କମଳାଙ୍କୁ ତାଗିଦ କରିବାରୁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ବଚସା ଆରମ୍ଭ ହୋଇଥିଲା। ପରେ ସେ ପତ୍ନୀ ଓ ନିଜ ଦୁଇ ନାବାଳିକା ଝିଅ ଓ ପୁଅ କୁ ବାହାର ପଟୁ ତାଲା ପକାଇ ପଳାଇଥିଲେ। ସେହି ଦିନ ରାତ୍ରି ସମୟରେ ପୁଣି ଦଶରଥ ମଦ୍ୟପାନ କରି ଘରକୁ ଫେରି ନିଜ ଶଶୁର ଓ ଶାଶୂଙ୍କ ସହିତ ଝଗଡ଼ା ଲାଗି ଘରେ ପଡ଼ିଥିବା ଏକ କାଠ ଫାଳିଆରେ ଶଶୁର ନଟବରଙ୍କ ହାତକୁ ବାଡ଼େଇ ଦେଇଥିଲେ ଏହା ଦେଖି କମଳା ଉକ୍ତ କାଠ ଫାଳିଆରେ ନିଜ ସ୍ୱାମୀ ଦଶରଥଙ୍କ ମୁଣ୍ଡରେ ପିଟିବାରୁ ଦଶରଥ ଘଟଣା ସ୍ଥଳରେ ଟଳିପଡ଼ିଥିଲେ।

## ଦୁଇ ବାଇକ୍ ମଧ୍ୟରେ ଧକ୍କା, ୩ ମୃତ

**କୁଆମରା, ୩।୫(ସମିସ):** ଗୁରୁବାର ବିଳମ୍ବିତ ରାତ୍ରିରେ ଦୁଇ ବାଇକ ମଧ୍ୟରେ ଧକ୍କା ହେବାରୁ ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଖୁଣ୍ଟା ଥାନା ଅନ୍ତର୍ଗତ ମୁଣ୍ଡାକାଟି ଗ୍ରାମର ସଂଗେଲସିଂ ସରେନ (୧୯) ତାଙ୍କ ସାଙ୍ଗ ସମ୍ଭୁ ସରେନ (୧୯) ଦୁହେଁ ବାଇକରେ କୌଣସି କାମରେ ଯାଉଥିବାବେଳେ ବଡ଼ସାହି ଥାନା ଅନ୍ତର୍ଗତ କୁଲଡିହା ଗ୍ରାମର ଶ୍ୟାମ ସୁନ୍ଦର ସିଂ(୩୨) ତାଙ୍କ ବନ୍ଧୁ ଆମ୍ବଡିହା ଗ୍ରାମର ଶୀବନାଥ ସିଂ (୨୨) ଅନ୍ୟ ଏକ ବାଇକ ଯୋଗେ ବିପରୀତ ଦିଗରୁ ଆସୁଥିବା ବେଳେ ଗୋପବନ୍ଧୁ ନଗର ବ୍ଲକ ବଣକାଟି ଠାରେ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଦୁଇ ବାଇକ ଚାଳକ ଶ୍ୟାମ ସୁନ୍ଦର ଓ ସଂଗେଲଙ୍କ ମୃତ୍ୟୁ ଘଟିଥିବା ବେଳେ ବାଇକ ପଛରେ ବସିଥିବା ଆମ୍ବଡିହା ଗ୍ରାମର ଶୀବନାଥ ଓ ମୁଣ୍ଡାକାଟି ଗ୍ରାମର ସମ୍ଭୁଙ୍କ ଅବସ୍ଥା ଗୁରୁତର ଥିଲା। ପୁଲିସ ଖବର ପାଇ ଗୁରୁତର ଦୁଇ ଜଣଙ୍କୁ ବାରିପଦା ପଠାଇ ଥିବାବେଳେ ଶୁକ୍ରବାର ଶୀବନାଥଙ୍କୁ ପରେ କଟକ ବଡ ଡାକ୍ତରଖାନା ନିଆ ଯାଇଥିବା ବେଳେ ଭଦ୍ରକ ନିକଟରେ ମୃତ୍ୟୁ ଘଟିଛି। ସମ୍ଭୁ ବାରିପଦାରେ ଚିକିତ୍ସାଧୀନ ଅଛନ୍ତି। ଦୁଇ ବାଇକକୁ ପୁଲିସ ଜବତ କରି ଏକ ମାମଲା ରୁଜ୍ଜୁ କରିଛି।

## ମୋବାଇଲ ଚୋରି ଅଭିଯୋଗରେ ୫ ଗିରଫ

**କୁଆମରା, ୩।୫(ସମିସ):** ଖୁଣ୍ଟା ଥାନା ଅଧୀନ ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ ଉଦଳା-ଖୁଣ୍ଟା ରାସ୍ତାର ସାନଖୁଣ୍ଟା ବଜାରରେ ଥିବା ଏକ ମୋବାଇଲ ଦୋକାନରୁ ଗତ ମାସ୨୪ତାରିଖ ରାତିରେ କାନ୍ଥ କଣା କରି ପ୍ରାୟ ୫ଲକ୍ଷ ଟଙ୍କାର ମୋବାଇଲ ଓ ଅନ୍ୟାନ୍ୟ ମୂଲ୍ୟବାନ ଜିନିଷ ଚୋରି ହୋଇଥିଲା। ଦୋକାନର ମାଲିକ ମନୋରଞ୍ଜନ ବେହେରାଙ୍କ ଅଭିଯୋଗ ଆଧାରରେ ଘଟଣାସ୍ଥଳରେ ଖୁଣ୍ଟା ପୁଲିସ ଓ ସନ୍ଧାନୀ କୁକୁର ଟିମ୍ ପହଞ୍ଚି ତନାଘନା କରିଥିଲେ। ପୁଲିସ ପକ୍ଷରୁ ମାମଲା ରୁଜ୍ଜୁ କରି କପ୍ତିପଦା ଉପଖଣ୍ଡ ପୁଲିସ ଅଧିକାରୀ ସାର୍ଥକ ରାୟଙ୍କ ତତ୍ତ୍ୱାବଧାନରେ ଏକ ଟିମ ଏନେଇ ଅନୁସନ୍ଧାନ କରି ଡକାୟତ ଦଳଙ୍କୁ ଧରିବାରେ ସଫଳ ହୋଇଛନ୍ତି। ସେମାନଙ୍କ ନିକଟରୁ ଚୋରି ଜିନିଷ ଉଦ୍ଧାର ହେବା ସହ ମୋଟ ୫ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ୪ଜଣ ରେମୁଣା ଥାନା ଅନ୍ତର୍ଗତ ବିଦ୍ୟାଧରପୁର ଗ୍ରାମର ପ୍ରକାଶ ଦାସଙ୍କ ପୁଅ ଶିବା ଦାସ (୧୯) ଓ ମହେଶ୍ୱର ପାତ୍ରଙ୍କ ପୁଅ ପୃଥ୍ୱୀରାଜ ପାତ୍ର (୨୧), ମୁଖୁରା ଗ୍ରାମର ଦୀନବନ୍ଧୁ ବେହେରାଙ୍କ ପୁଅ ଦିବ୍ୟ ରଞ୍ଜନ (୨୩), ହରିପୁର ଗ୍ରାମର ରଫିକ ଖାଁ ପୁଅ ନସିମ ଖାନ୍ ଓ କପ୍ତିପଦା ଥାନା ଡାହିସାହି ଗ୍ରାମର ନରୋତ୍ତମ ପ୍ରଧାନଙ୍କ ପୁଅ ଅମର୍ ଜ୍ୟୋତି ପ୍ରଧାନ (୨୨)। ସେମାନଙ୍କ ନିକଟରୁ ପୁଲିସ ଚୋରି ସାମଗ୍ରୀ ଜବତ କରିଛି। ଚୋରି କାର୍ଯ୍ୟରେ ବ୍ୟବହୃତ ଗୋଟେ ଓ ଗୋଟିଏ ଗାଡ଼ି ଜବତ କରିଛି। ଉପଖଣ୍ଡ ପୋଲିସ ଅଧିକାରୀ ସାର୍ଥକ ରାୟ ଓ ଖୁଣ୍ଟା ଥାନା ଅଧିକାରିଣୀ ସୁଜାତା ଖମାରୀ ପ୍ରେସମିଟ ଜରିଆରେ ତଥ୍ୟ ପ୍ରଦାନ କରିବା ସହ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରିଛନ୍ତି।

## ଓଲଟିଲା ଟ୍ରକ୍; ଅଳ୍ପକେ ବର୍ତ୍ତିଲେ ଚାଳକ

**ରାଇରଙ୍ଗପୁର, ୩।୫(ସମିସ):** ଶୁକ୍ରବାର ସକାଳ ପ୍ରାୟ ୬ଟା ସମୟରେ ଟାଉନ ଥାନା ଅଞ୍ଚଳ ପୁରୁଣାପାଣି ଗାଁ ନିକଟ ମୁଖ୍ୟମାର୍ଗରେ ଦ୍ରୁତଗତିରେ ଆସୁଥିବା ୧୨ ଚକିଆ ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏହି ଦୁର୍ଘଟଣାରେ ଚାଳକ ସାମାନ୍ୟ ଆହତ ହୋଇ ଅଳ୍ପକେ ବର୍ତ୍ତୀ ଯାଇଛନ୍ତି। ସୂଚନା ପରେ ଟାଉନ ପୁଲିସ ସେଠାକୁ ଯାଇ ଟ୍ରକକୁ ଜବତ କରିଛି।

ଶ୍ୟାମାଖୁଣ୍ଟାରେ ବିଜେଡିର ଆଶୀର୍ବାଦ ସମାବେଶ

# ଗୋଟିଏ ମଞ୍ଚରେ ସୁଦାମ-ରଞ୍ଜିତାଙ୍କ ପ୍ରଚାର






ବାରିପଦା, ୩।୫(ସମିସ)

ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀର ଶ୍ୟାମାଖୁଣ୍ଟା ଠାରେ ଶୁକ୍ରବାର ଆଶୀର୍ବାଦ ସମାବେଶ ଅନୁଷ୍ଠିତ ହୋଇଛି। ମନ୍ତ୍ରୀ ତଥା ଲୋକସଭା ସାଂସଦ ପ୍ରାର୍ଥୀ ସୁଦାମ ମାରାଣ୍ଡି ଓ ତାଙ୍କ ପତ୍ନୀ ରଞ୍ଜିତା ମାରାଣ୍ଡିଙ୍କୁ ବିଜେଡି ବାଙ୍ଗିରିପୋଷି ଆସନ ପାଇଁ ବିଧାୟିକା ପ୍ରାର୍ଥୀନୀ କରିଛି। ଏହାକୁ ନେଇ ବାଙ୍ଗିରିପୋଷିରେ ନିର୍ବାଚନୀ ବିଗୁଲ ବାଜି ସାରିଥିବାବେଳେ ପ୍ରଚାର ଜୋରଦାର ଜାରି ରହିଛି। ଆଶୀର୍ବାଦ ସଭାରେ ସ୍ଥାନୀୟ ଲୋକମାନେ ବିପୁଳ ସମ୍ବର୍ଦ୍ଧନା ଜଣାଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ସ୍ୱାମୀ-ସ୍ତ୍ରୀ ଗୋଟିଏ ମଞ୍ଚରେ ଏକାଠି ହୋଇ ଆଗାମୀ ନିର୍ବାଚନୀରେ ସମର୍ଥନ ପାଇଁ ଆଶୀର୍ବାଦ ଭିକ୍ଷା କରିଛନ୍ତି। ଯାହାକି ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀର ପ୍ରଚାର ମଇଦାନକୁ ସରଗରମ କରିଛି। ସ୍ଥାନୀୟ ଅଞ୍ଚଳର ଶହଶହ ସଂଖ୍ୟକ ମହିଳା ଓ ପୁରୁଷମାନେ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଛନ୍ତି। ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାଙ୍କୁ ଗୁରୁତ୍ୱ ଦେଇଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଧନ୍ୟବାଦ ଜଣାଇଛନ୍ତି। ପ୍ରଥମେ ଅସ୍ତିଆ ଛକଠାରେ ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏଥିପରେ ଏକ ବିରାଟ ଶୋଭାଯାତ୍ରାରେ ହଜାର ହଜାର ଯୁବ, ମହିଳା ଓ ବିଜେଡି ପ୍ରେମୀ ଓ କର୍ମୀଙ୍କ ଗହଣରେ ବଡ଼ ରୋଡ଼ ଶୋ କରି ସଭାସ୍ଥଳକୁ ପାଛୋଟି ନେଇଥିଲେ। ଓଡ଼ିଶା ଲୋକଙ୍କ ସିଙ୍ଗଲ କିମ୍ବା ଡବଲ ଇଞ୍ଜିନ ଦରକାର ନାହିଁ ଏଠି ନବୀନ ଇଞ୍ଜିନ ସବୁଠୁ ଶକ୍ତିଶାଳୀ। ଏଥର ନିର୍ବାଚନରେ ଯୋଡିଏ ଶଙ୍ଖ ଚିହ୍ନରେ ଭୋଟ ବଟନ ଦେବା ପାଇଁ ଉଭୟ କହିଥିଲେ। ମହିଳାଙ୍କୁ ସଶକ୍ତିକରଣ କରିବା ପାଇଁ ହେଲେ ଏଥର ବି ରାଜ୍ୟରେ ନବୀନ ସରକାରଙ୍କ ହାତମୁଠା ଟାଣ କରିବା ପାଇଁ ବକ୍ତବ୍ୟ ରଖିଥିଲେ। ଦରଦାମ ନିୟନ୍ତ୍ରଣରେ ବିଜେପି ସରକାର ଫେଲ ମାରିଥିବା ବେଳେ ଗ୍ୟାରେଣ୍ଟି ନାମରେ ଜନତାଙ୍କୁ ବିଜେପି ମିଛ ପ୍ରତିଶ୍ରୁତି ଦେଇଛି। ବେରୋଜଗାର ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ବର୍ତ୍ତମାନ ଭାରତବର୍ଷରେ ଚିନ୍ତାର କାରଣ ସାଜିଛି ବୋଲି କହିଛନ୍ତି। ପ୍ରତିବର୍ଷ ୨ କୋଟିଙ୍କୁ ଚାକିରୀ ସୁଯୋଗ ଦେବେ ବୋଲି ପ୍ରତିଶ୍ରୁତି ଦେଇ ତାହାକୁ ପୂରଣ କରିବାରେ ବିଜେପି ସରକାର ଫେଲ ମାରିଛି। ମହିଳାମାନଙ୍କୁ ସଂରକ୍ଷଣ ଦେବାରେ ମଧ ବିଜେପି ପଛରେ ପଡ଼ିଥିବା ବେଳେ ବିଜେଡି ସରକାର ଓଡ଼ିଶାରେ ୩୩ ପ୍ରତିଶତ ସଂରକ୍ଷଣକୁ ଲାଗୁ କରିଛି। ତେଣୁକରି ଭାରତର ଏକ ନମ୍ବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସମର୍ଥନ ଜଣାଇ ଉଭୟ ବିଧାୟକ ଓ ସାଂସଦ ପାଇଁ ଯୋଡ଼ି ଶଙ୍ଖରେ ଭୋଟ ଦେବାକୁ ନିବେଦନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବିକାଶ ଧାରାକୁ ନିର୍ବାଚନମଣ୍ଡଳୀରେ ଅନବରତ ଜାରି ରଖିବା ପାଇଁ ସଦା କାର୍ଯ୍ୟରତ ରହିବେ ବୋଲି ଉଭୟ ପ୍ରାର୍ଥୀ ପ୍ରତିଶ୍ରୁତି ଦେଇଛନ୍ତି। ସାଧାରଣ ଲୋକଙ୍କ ସ୍ୱରକୁ ନେଇ ସଂସଦ ଓ ବିଧାନସଭାରେ ଉପସ୍ଥାପନ କରିବା ପାଇଁ ଲୋକଙ୍କ ଆର୍ଶୀବାଦ ଲୋଡ଼ିଛନ୍ତି। ଏହି ଅବସରରେ ଭଞ୍ଜସେନା, ବିଜେପି ଆଦି ଦଳର ଅନେକ ସଂଖ୍ୟକ ନେତୃମଣ୍ଡଳୀ ଓ କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗ ଦେଇଛନ୍ତି। ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମସ୍ତଙ୍କୁ ଦଳକୁ ସ୍ୱାଗତ ଜଣାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଃ, ଆମ ଓଡ଼ିଶା ନବୀନ ଓଡ଼ିଶାର ସଂଯୋଜକ ସୁନିଲ କୁମାର ଦାଶ, ବିଜୁ ମହିଳା ଜନତା ଦଳ ସଭାପତି ବୀଣାପାଣି ସାହୁ, ବିଜେଡି ଜିଲ୍ଲା ପରିଷଦ ସଦସ୍ୟ ନରେନ୍ଦ୍ର ହାଁସଦାଃ, ଶ୍ୟାମାଖୁଣ୍ଟା ବ୍ଲକ ଅଧ୍ୟକ୍ଷ ଚନ୍ଦ୍ର ମୋହନ ସିଂ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରିୟନାଥ ମାରାଣ୍ଡି, ଅମର ସେଠୀ, ଜୋନ୍‌ସ୍ତରୀୟ ଯୁବ ସଭାପତି ସୁବୋଧ ମାରାଣ୍ଡି ସମେତ ବିଜେଡି ବ୍ଲକ କର୍ମକର୍ତ୍ତା ପ୍ରମୁଖ ସମେତ ଅନ୍ୟାନ୍ୟ ନେତୃମଣ୍ଡଳୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିଥିଲେ।

> ଜନସେବା ନିମନ୍ତେ ନିଜ ପରିବାରକୁ ସମର୍ପିତ କଲେ ସୁଦାମ

ଜାତୀୟ ସ୍କୁଲ୍ କ୍ରୀଡ଼ା

## ରୌପ୍ୟ ବିଜେତା ଦୀପକଙ୍କୁ ଗାଁ ମାଟିରେ ସ୍ୱାଗତ



**ଠାକୁରମୁଣ୍ଡା, ୩।୫(ସମିସ):** ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଚମ୍ପାଝର ପଞ୍ଚାୟତ ଶିମିଳିପାଳ ପାଦଦେଶରେ ଅବସ୍ଥିତ ଡଙ୍ଗାଡିହା ଗ୍ରାମର ଦୀପକ ବେହେରା ମହାରାଷ୍ଟ୍ର ପୁନେର ବେଲୱାଡି ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହୋଇଥିବା ୬୭ ତମ ଜାତୀୟ ସ୍କୁଲ୍ କ୍ରୀଡ଼ାରେ ଭାଗ ନେଇ ଓଡ଼ିଶା ରଗ୍‌ବୀ ଦଳ ପାଇଁ ରୌପ୍ୟ ବିଜେତା ହେବାର ଗୌରବ ଅର୍ଜନ କରିଛନ୍ତି। ଏକାଦଶୀ ବେହେରା ଓ ଗୀତାଞ୍ଜଳି ବେହେରାଙ୍କ ଜ୍ୟେଷ୍ଠ ପୁତ୍ରଦୀପକ ଗତ ମାସ ୨୭ ଓ ୨୮ ତାରିଖରେ ୧୭ ବର୍ଷରୁ କମ୍ ପୁନେଠାରେ ଅନୁଷ୍ଠିତ ଜାତୀୟ ସ୍କୁଲ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏକ ନିପଟ ମଫସଲ ଗ୍ରାମର ଚାଷୀ ପରିବାରରୁ ଜନ୍ମ ଗ୍ରହଣ କରିଥିବା ଦୀପକ ଗୋଟିଏ ବର୍ଷ ନିଜ ଘରଠାରୁ ଦୂରେଇ ରହି ଜାତୀୟ ରଗବୀ ଖେଳାଳି ତଥା ଅନ୍ତର୍ଜାତୀୟ ରେଫରି ଦିବ୍ୟରଞ୍ଜନ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ଏକ ଏକାଡେମୀ ବାରିପଦା ଶାଖାଠାରେ ରହି ବରିଷ୍ଠ ଖେଳାଳୀ ରାଜକିଶୋର ପାତ୍ର, ଚନ୍ଦନ ସିଂଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଉଥିଲେ। ତାଙ୍କର ଏହି ସଫଳତା ଶ୍ରେୟ ସେ ତାଙ୍କ ବାଲ୍ୟବନ୍ଧୁ ରଶ୍ମିରଞ୍ଜନ ମହାନ୍ତ, ପିତାମାତା, ପରିବାର ବର୍ଗ ଓ ଏକାଡେମୀର ସମସ୍ତ କର୍ମକର୍ତ୍ତାଙ୍କୁ ଦେଇଛନ୍ତି। ଦୀପକଙ୍କର ଲକ୍ଷ୍ୟ ଭବିଷ୍ୟତରେ ନିଜ ଦେଶକୁ ପ୍ରତିନିଧିତ୍ୱ କରି ନିଜ ଗ୍ରାମ, ଜିଲ୍ଲା, ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିବେ। ପୁନେ ଠାରେ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାରେ ଏହି ସଫଳତା ପାଇଁ ତାଙ୍କୁ ଠାକୁରମୁଣ୍ଡା ଅଞ୍ଚଳର ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଫେରିବା ପରେ ଚମ୍ପାଝର ଠାରେ ବ୍ଲକ ଅଧ୍ୟକ୍ଷା ସରୋଜିନୀ ମୁଣ୍ଡା ସ୍ୱାଗତ କରିବା ସହ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ତ୍ରିଶକ୍ତି କ୍ଲବ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଦୀପକଙ୍କୁ ସେଠାରୁ ଏକ ବିରାଟ ରାଲିରେ ଜନ୍ମମାଟି ପର୍ଯ୍ୟନ୍ତ ସ୍ୱାଗତ କରାଯାଇଥିଲା।

## ଜାତୀୟ ସେବା ଯୋଜନା ଶାଖାର ଥଣ୍ଡାପାନୀୟ ବଣ୍ଟନ ଶିବିର ଉଦ୍‌ଯାପିତ

**ଜାମଶୋଳା, ୩।୫(ସମିସ):** ସ୍ଥାନୀୟ ଝାରପୋଖରିଆ ସ୍ଥିତ ସୀମାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜାତୀୟ ସେବାଯୋଜନା ଶାଖା ଆନୁକୂଲ୍ୟରେ ୭ ଦିନିଆ ଥଣ୍ଡାପାନୀୟ ବଣ୍ଟନ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ଶିବିରକୁ ଅଧ୍ୟକ୍ଷ ଡ. ବୁଦ୍ଧଦେବ କର ଆନୁଷ୍ଠାନିକ ଭାବେ ଏପ୍ରିଲ ୨୭ ତାରିଖରେ ଉଦ୍‌ଘାଟନ କରିଥିଲେ। ପଦାର୍ଥ ବିଜ୍ଞାନ ମୁଖ୍ୟ ପ୍ରଦ୍ୟୋତ କୁମାର, ଉଦ୍ଭିଦ ବିଜ୍ଞାନ ମୁଖ୍ୟ ଡ. ଅଶୋକ କୁମାର ଶର୍ମା ଉଦଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିର +୨ କାର୍ଯ୍ୟକ୍ରମ ଅଧିକାରୀ ଶିଶିର କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିବା ବେଳେ ଅଧ୍ୟକ୍ଷ ଡ. ବୁଦ୍ଧଦେବ କର ଉଦ୍‌ଯାପନ କରିଥିଲେ। ଅଧ୍ୟାପକ ଅରୁଣ କୁମାର ପାତ୍ର, ଅଧ୍ୟାପିକା ଜୟନ୍ତୀ ସିଂ, ସ୍ୱପ୍ନେଶ୍ୱରୀ ମୁର୍ମୁ, ନିହାର ରଞ୍ଜନ ମହାନ୍ତ, ଶ୍ରଦ୍ଧାନନ୍ଦ ସାହୁ, ନିରଜ ରଞ୍ଜନ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ଛାତ୍ରଛାତ୍ରୀମାନେ ସର୍ବତ ବଣ୍ଟନ କାର୍ଯ୍ୟକ୍ରମରେ ସକ୍ରିୟ ଭୂମିକା ନିର୍ବାହ କରିଥିଲେ।

## ଖିଚିଂ ଜଙ୍ଗଲରେ ନିଆଁକୁ ଆୟତ୍ତ କଲେ ବନ ବିଭାଗ ଓ ଗ୍ରାମବାସୀ

**ଖିଚିଂ, ୩।୫(ସମିସ):** ମୟୁରଭଞ୍ଜ ଜିଲ୍ଲାର ଶୁକ୍ଳି ବ୍ଲକ ଅନ୍ତର୍ଗତ ଖିଚିଂ ଜଙ୍ଗଲରେ ନିଆଁ ଲାଗିଥିବା ବେଳେ ବନ ବିଭାଗ ଓ ଗ୍ରାମବାସୀଙ୍କ ସହଯୋଗରେ ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇଛନ୍ତି। ସୂଚନାନୁଯାୟୀ, ଖିଚିଂ ଏକ ପ୍ରମୁଖ ଐତିହାସିକ ଓ ଆଧ୍ୟାତ୍ମିକ ପୀଠ ପାଇଁ ସମଗ୍ର ଭାରତରେ ସୁପରିଚିତ। ଏହି ଗ୍ରାମର ପରିସୀମାରେ ଦେବୋତ୍ତର ବିଭାଗ ଅଧୀନରେ ଥିବା ହାରାହାରି ୩୦ଏକର ପରିମିତ ଜମିରେ ପ୍ରକୃତିପ୍ରେମୀ ଗ୍ରାମବାସୀଙ୍କ ପ୍ରଚେଷ୍ଟାରେ ସୃଷ୍ଟି ହୋଇ ପାରିଛି ମୂଲ୍ୟବାନ ବନ୍ୟ ସମ୍ପଦ। ଏଥିରେ ପଳାସ, ଚାକୁଣ୍ଡା, ଶାଗୁଆନ, ଆମ୍ବ, ନିମ୍ବ ଭଳି ଅନେକ ପ୍ରକାର ଗଛ ରହିଛି। ଏହାର ବିକାଶ ଓ ସଂରକ୍ଷଣ ପାଇଁ ଗଠିତ ହୋଇଛି ଗ୍ରାମ୍ୟ ଜଙ୍ଗଲ ସୁରକ୍ଷା କମିଟି। ଅତ୍ୟନ୍ତ ପରିତାପର ବିଷୟ ଏ ଅଞ୍ଚଳରେ ଅହେତୁକ ଭାବେ ରୌଦ୍ର ତାପ ବୃଦ୍ଧି ସହ ତୁହାକୁ ତୁହା ଝାଞ୍ଜି ପବନରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବା ବେଳେ ଗତ ୨ ତାରିଖ ମଧ୍ୟାହ୍ନରେ କୌଣସି ଦୁର୍ବୃତ୍ତର ହୀନ ପ୍ରୟାସ ଫଳରେ ଜଙ୍ଗଲର କେତେକ ସ୍ଥାନରେ ନିଆଁ ଲାଗି ଶହଶହ ଗଛ ଜଳି ପୋଡ଼ି ନଷ୍ଟ ହୋଇଯାଇଛି। ତେବେ କମିଟିର ସଭାପତି ତଥା ବିଶିଷ୍ଟ ସମାଜସେବୀ ମନ୍ମଥ କୁମାର ନାଏକ ଏହା ଜାଣିବା ପରେ ବନ ବିଭାଗ ଓ ଗ୍ରାମବାସୀଙ୍କୁ ଅବଗତ କରି ସେମାନଙ୍କ ସହଯୋଗରେ ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇଥିଲେ।

## ଦେଶୀମଦ ସହ ଦୁଇ କାର୍ ଜବତ; ୩ ଗିରଫ



**ଉଦଳା, ୩।୫(ସମିସ):** ଉଦଳା ଅବକାରୀ ବିଭାଗ ଓ ମୟୁରଭଞ୍ଜ ମୋବାଇଲ ଟିମ ମିଳିତ ଭାବେ ଚଢ଼ଉ କରି ଉଦଳା ଥାନା ବହୁବନ୍ଧ ପଞ୍ଚାୟତର ଭୁତୁସାହି ନିକଟରୁ ଦୁଇଟି କାରରୁ ୬୫୦ ଲିଟର ଦେଶୀ ମଦ ଜବତ କରିବା ସହିତ ୩ ଜଣକୁ ଗିରଫ କରିଛି। ସୂଚନାଯୋଗ୍ୟ ଯେ ଦୁଇଟି କାରରେ ୬୫୦ ଲିଟର ଦେଶୀ ମଦ ଚାଲାଣ କରୁଥିଲେ। ତେବେ କୌଣସି ସୂତ୍ରରୁ ଖବର ପାଇ ଉଦଳା ଅବକାରୀ ବିଭାଗ ଓ ମୋବାଇଲ ଟିମ୍ ପିଛା କରି ଧରିବାରେ ସକ୍ଷମ ହୋଇଥିଲେ। ତିନିଜଣ ଗିରଫ ଅଭିଯୁକ୍ତ ମଧ୍ୟରୁ ଦୁଇ ଜଣ ଗାଡ଼ି ମାଲିକ ବୋଲି ଜଣା ପଡ଼ିଛି। ଗିରଫ ଅଭିଯୁକ୍ତମାନେ ହେଲେ କପ୍ତିପଦା ଥାନା ଚକ୍ରଧର ପୁର ଗ୍ରାମର ଦାସ ସରେନ (୨୫)ଓ ଦଶରଥ ହଂସଦା (୩୯) ଏବଂ ଉଦଳା ଥାନା ଘାଗରଗଡ଼ି ଗ୍ରାମର ସାମାୟ ସରେନ(୫୮)ବୋଲି ଜଣା ପଡ଼ିଛି। ବିଭାଗ ପକ୍ଷରୁ ମାମଲା ରୁଜ୍ଜୁ କରାଯିବା ସହ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ମୋବାଇଲ ଇନ୍ସପେକ୍ଟର ଶ୍ରୀଧର ମହାନ୍ତି ସୂଚନା ଦେଇଛନ୍ତି। ଏହି ଚଢ଼ଉରେ ଉଦଳା ଅବକାରୀ ଉପ ଅଧିକ୍ଷକ ଅବଦୁଲ ଅନୱାର ସମେତ ସମୀର ହଂସଦା, ପ୍ରକାଶ ଦେବତା, ଗୌତମ ଦେବ ମହାନ୍ତ ଓ ପାର୍ବତୀ ମାରାଣ୍ଡି ପ୍ରମୁଖ ସାମିଲ ହୋଇଥିଲେ।

## ଗଣମାଧ୍ୟମ ସ୍ୱାଧୀନତା ଦିବସ ପାଳିତ

**ମୋରଡା, ୩।୫(ସମିସ):** ମୋରଡା ବ୍ଲକ ସାମ୍ବାଦିକ ସଂଘ ଚିତ୍ରଡ଼ା ପକ୍ଷରୁ ଶୁକ୍ରବାର ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ଦିବସ ନିଆରା ଢଙ୍ଗରେ ପାଳନ କରାଯାଇଛି। ମୟୂରଭଞ୍ଜ ବାରମାଇଲସ୍ଥିତ କିଷାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ରୋଗୀଙ୍କୁ ବିସ୍କୁଟ, ଜୁସ ସାମ୍ବାଦିକମାନେ ବଣ୍ଟନ କରିଛନ୍ତି। ତେବେ ସନ୍ଧ୍ୟା ୬ଟାରେ ସଂଘ ସଭାପତି ରଣଜିତ କୁମାର ସାହୁ, ଉପ-ସଭାପତି ରବୀନ୍ଦ୍ର ମହାନ୍ତ, ସମ୍ପାଦକ ବିଶ୍ୱବନ୍ଦନ ବେହେରା, ଯୁଗ୍ମ ସମ୍ପାଦକ ସ୍ମାରକ ମାଝୀ, ସହ-କୋଷାଧ୍ୟକ୍ଷ ରଜତ କୁମାର ମହାନ୍ତ ଏବଂ ଅନ୍ୟ ସଦସ୍ୟମାନେ



ଡାକ୍ତରଖାନା ପରିସର ବୁଲିବା ସହିତ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିଥିଲେ। ଉକ୍ତ ବଣ୍ଟନ କାର୍ଯ୍ୟକ୍ରମରେ ଡାକ୍ତରଖାନା କର୍ମଚାରୀ ସତ୍ୟସୌରଭ ଦ୍ୱିବେଦୀ, ରଶ୍ମୀରଞ୍ଜିତା ବିଶ୍ୱାଳ, ଲକ୍ଷ୍ମଣ ସିଂ, ନିର୍ମଳ ନାଏକ, ସପନ କୁମାର ଦେ ସହଯୋଗ କରିଥିଲେ। ପରେ ଚିତ୍ରଡ଼ା ଶୀର୍ଷାପାଳସ୍ଥିତ ସାମ୍ବାଦିକ ଭବନ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ସାମ୍ବାଦିକଙ୍କ ସୁରକ୍ଷା, ଭତ୍ତା ପ୍ରଦାନ ଦାବି ଉପସ୍ଥାପନା କରାଯାଇଥିଲା।

# ପଞ୍ଚମ ଦିନରେ ୪ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ଦାଖଲ

କରଞ୍ଜିଆ, ୩।୫(ସମିସ)

କରଞ୍ଜିଆ ବିଧାନସଭା କ୍ଷେତ୍ର ପାଇଁ ଶୁକ୍ରବାର ୪ ଜଣ ପ୍ରାର୍ଥୀ ତାଙ୍କ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେଥିରୁ ଶାସକ ବିଜେଡି ଦଳ ପ୍ରାର୍ଥିନୀ ବିଧାୟିକା ତଥା ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ନିଜର ହଜାର ହଜାର ସମର୍ଥକଙ୍କ ଗହଣରେ ଏକ ବିରାଟ ପଟୁଆରରେ ଆସି ନିଜର ୪ ସେଟ୍ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ତାଙ୍କ ପ୍ରାର୍ଥିପତ୍ର ଦାଖଲ ସମୟରେ ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ସଭାପତି କାଶୀନାଥ ହେମ୍ବ୍ରମ, ବିଜୁସେତୁ ଯୋଜନାର ଉପଦେଷ୍ଟା ଦିଲ୍ଲୀପ କୁମାର ସାହୁ, ବରିଷ୍ଠ ନେତା ଗିରିଧାରୀ ପୃଷ୍ଟି, କରଞ୍ଜିଆ ଏନ୍‌ଏସି ଅଧ୍ୟକ୍ଷା ପପୀ ପୃଷ୍ଟି, କରଞ୍ଜିଆ ବ୍ଲକ ଅଧ୍ୟକ୍ଷା ସୁଭଦ୍ରା ମାରାଣ୍ଡି, ଜିଲ୍ଲା ପରିଷଦ ସଦସ୍ୟା ଜ୍ୟୋସ୍ନାରାଣୀ ନାଏକ, ଛାତ୍ର ସଭାପତି ଅନିଷ ମାନା, ଜିଲ୍ଲା ସାଧାରଣ ସମ୍ପାଦକ ମହେଶ୍ୱର ନାୟକ, କରଞ୍ଜିଆ ନିର୍ବାଚନମଣ୍ଡଳୀର ଯୁବ ସଭାପତି ରୋହିତ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବିଜେପି ପ୍ରାର୍ଥୀ ପଦ୍ମଚରଣ ହାଇବୁରୁ ନିଜ ସମର୍ଥକଙ୍କ ଗହଣରେ ୧ ସେଟ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସ୍ୱାଧୀନ ପ୍ରାର୍ଥୀ



ପୂର୍ବତନ ବିଧାୟକ ବିନୟ କୁମାର ନାଏକ, ସ୍ୱାଧୀନ ପ୍ରାର୍ଥିନୀ ସବିତା ରାଣୀ ନାଏକ ମଧ୍ୟ ନିଜର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। କରଞ୍ଜିଆ ବିଧାନସଭା ଆସନପାଇଁ ୨୯ ତାରିଖ ଠାରୁ ଆରମ୍ଭ ହୋଇଛି ପ୍ରାର୍ଥିପାତ୍ର ଦାଖଲ ପ୍ରକ୍ରିୟା। ହେଲେ ତୃତୀୟ ଦିନରେ ଜଣେ ଓ ଚତୁର୍ଥ ଦିନରେ ଜଣେ ଏପରି ମୋଟ ଦୁଇ ଜଣ ପ୍ରାର୍ଥୀ ଚତୁର୍ଥ ଦିନ ପର୍ଯ୍ୟନ୍ତ ଦାଖଲ କରିଥିଲେ। ତେବେ ଶୁକ୍ରବାର ୪ ଜଣ ପ୍ରାର୍ଥୀ ରଞ୍ଜିଆ ସଂରକ୍ଷିତ ଆସନ ନିମନ୍ତେ ପ୍ରାର୍ଥିପତ୍ର ଦାଖଲ କରିବାରୁ ଆଜି ପର୍ଯ୍ୟନ୍ତ ମୋଟ ପ୍ରାର୍ଥୀ ୬ ଜଣ ନିଜର ନାମଙ୍କନ ପତ୍ର ଦାଖଲ କରିସାରିଲେଣି। ଏହି ପ୍ରକ୍ରିୟା ୬ ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ୭ମେ' ରେ ପ୍ରାର୍ଥିପତ୍ର ଯାଞ୍ଚହେବ ଓ ୯ ମେ'ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ଓ ପୂର୍ଣ୍ଣାଙ୍ଗ ପ୍ରାଥିପତ୍ର ପ୍ରକାଶ ପାଇବ।

ତେବେ ଏହି ଆସନ ପାଇଁ ବିଜେଡି ପକ୍ଷରୁ ବିଧାୟିକା ତଥା ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ବିଜେପି ପ୍ରାର୍ଥୀ ପୂର୍ବତନ ବିଧାୟକ ପଦ୍ମ ଚରଣ ହାଇବୁରୁ, ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ଲକ୍ଷ୍ମୀଧର ସିଂ, ଏସଇଉସିଆଇ ଦଳ ପକ୍ଷରୁ ବାଜୁରାମ ଶିଦୁ, ସ୍ୱାଧୀନ ପ୍ରାର୍ଥୀ ପୂର୍ବତନ ବିଧାୟକ ବିଜୟ କୁମାର ନାଏକ ଓ ସବିତା ରାଣୀ ନାଏକ ନିଜନିଜ ପ୍ରାର୍ଥିପତ୍ର ଦାଖଲ କରିଥିବା କରଞ୍ଜିଆ ସଂରକ୍ଷିତ (୩୦) ଆସନ ନିମନ୍ତେ ନିଯୁକ୍ତି ହୋଇଥିବା ରିଟର୍ଣ୍ଣିଂ ଅଧିକାରୀ ତଥା ଅତିରିକ୍ତ ଉପ ଜିଲ୍ଲାପାଳ ପ୍ରକାଶ କୁମାର ଦାସ ସୂଚନା ଦେଇଛନ୍ତି।

## ଯୁବକଙ୍କ ଆକସ୍ମିକ ମୃତ୍ୟୁ

**କୁଆମରା, ୩ା୫ (ସମିସ):** ଖୁଣ୍ଟା ଥାନା ତଥା ଡେଙ୍ଗାମ ପଞ୍ଚାୟତ ଅଣ୍ଡିରା ଟିକିରା ଗ୍ରାମର ଜଣେ ଯୁବକଙ୍କର ଆକସ୍ମିକ ମୃତ୍ୟୁ ଘଟିଛି । ମୃତକ ହେଉଛନ୍ତି ନିମାଇଁ ହେମ୍ବ୍ରମ (୪୬) । ବୁଧବାର ସେ ମଧ୍ୟାହ୍ନରେ ଛେଳି ଚୋରାଇବାକୁ ଯାଇ ଅସୁସ୍ଥ ହୋଇପଡ଼ିଥିଲେ । ତାଙ୍କୁ ପରିବାର ଲୋକେ ଖୁଣ୍ଟା ଡାକ୍ତରଖାନାକୁ ଅଣିଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ ତାଙ୍କର ଅଂଶୁଘାତରେ ମୃତ୍ୟୁ ଘଟିଥାଇ ପାରେ ବୋଲି ଡାକ୍ତର ଅନୁମାନ କରିଛନ୍ତି । ଗୁରୁବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ପୁଲିସ । ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ସଠିକ କାରଣ ଜଣାପଡ଼ିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି ।

## ଅଗ୍ନିକାଣ୍ଡରେ ଜଳିଗଲା ଘର



**ମୋରଡ଼ା, ୩ା୫ (ସମିସ):** ମୋରଡ଼ା ଦମକଳ କେନ୍ଦ୍ର ଅଧୀନ ଚିତ୍ରଡ଼ାର ବାବା ଚିତ୍ରେଶ୍ୱର ମହାଦେବ ମନ୍ଦିର ନିକଟରେ ଡହଡହ ଖରାରେ ଜଣଙ୍କ ଘର ସମ୍ପୂର୍ଣ୍ଣ ଭାବେ ନିଆଁ ଲାଗି ଘରର ଆସବାବପତ୍ର ପୋଡ଼ି ଯାଇଛି । ସୂଚନାଯୋଗ୍ୟ ଯେ ମୋରଡ଼ା ଥାନା ଅଧୀନ ବିସେନ ମହାନ୍ତଙ୍କ ଘରେ ଦିନ ୩ଟା ସମୟରେ ହଠାତ ନିଆଁ ଲାଗି ଘରର ଆସବାବପତ୍ର ସହ ଧାନବସ୍ତା ଆଦି ନିଆଁରେ ଜଳିପୋଡ଼ି ସମ୍ପୂର୍ଣ୍ଣ ପାଉଁଶ ହୋଇଯାଇଛି । ତେବେ ଘରପୋଡ଼ିର କାରଣ ଅସ୍ପଷ୍ଟ ରହିଥିବାବେଳେ ସର୍ଟସର୍କିଟରୁ ନିଆଁ ଲାଗିଥିବାର ଅନୁମାନ କରାଯାଉଛି । ଦୀର୍ଘ ଏକ ଘଣ୍ଟା କାଳ ଲୋକମାନେ ଦମକଳ କେନ୍ଦ୍ରକୁ ଯୋଗାଯୋଗ କରୁଥିଲେ ମଧ୍ୟ ଯୋଗାଯୋଗ ହୋଇ ପାରିନଥିଲା । ତେବେ ଅଞ୍ଚଳର ଲୋକମାନେ ନିକଟରେ ଥିବା ହୃଦା ମହାନ୍ତଙ୍କ ଘରର କୂଅରୁ ବାଲଟି ଓ ଗରାରେ ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବ ହୋଇ ନଥିଲା । ଶେଷରେ ଚିତ୍ରଡ଼ା ଦମକଳ ବିଭାଗ ଖବର ପାଇ ଅଜିତ ଜେନା ଏବଂ ଅନ୍ୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ।

## ଶ୍ରମିକ ଦିବସ ପାଳିତ



**କୁଆମରା, ୩ା୫ (ସମିସ):** ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ ସାଇଁକୁଳା ଦୋଳମଣ୍ଡପଠାରେ ନିର୍ମାଣ ଶ୍ରମିକ ଓ କୃଷି ଶ୍ରମିକମାନଙ୍କ ତରଫରୁ ଶ୍ରମିକ ଦିବସ ପାଳନ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଡିଭାଇନ କନଷ୍ଟ୍ରକ୍ସନ୍ ମଜଦୁର ସଂଘର ସାଧାରଣ ସମ୍ପାଦକ ରଞ୍ଜିତ ସାହୁ ମଇ ଦିବସର ଇତିହାସ ଓ ବର୍ତ୍ତମାନର ସମାଜ ବ୍ୟବସ୍ଥା ବିଷୟରେ ଆଲୋଚନା କରିଥିଲେ । ସମାଜସେବୀ ସସ୍ମିତା ପତି ଶ୍ରମିକମାନଙ୍କ ଉପରେ ହେଉଥିବା ଅନ୍ୟାୟ ଓ ଦୁର୍ନିତୀ ବିଷୟରେ ଆଲୋଚନା କରିଥିଲେ । ସମାଜସେବୀ ମନମୋହନ ମିଶ୍ର ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶତାଧିକ ଶ୍ରମିକ ଅଂଶଗ୍ରହଣ କରିଥିଲେ ।

## ବସ୍ ମାଲିକଙ୍କ ବିୟୋଗରେ ଶୋକ

**ବିଜାତଳା, ୩ା୫ (ସମିସ):** ସ୍ଥାନୀୟ ସରଗଡ଼ା ଗାଁର ବସ୍ ମାଲିକ ବଙ୍କେଶ୍ୱର ମହାନ୍ତ (୫୫)ଙ୍କ ପରଲୋକ ଘଟିଛି । ମଙ୍ଗଳବାର ଅସୁସ୍ଥ ଲାଗିବାରୁ ପରିବାର ଲୋକେ ତାଙ୍କୁ ରାଇରଙ୍ଗପୁର ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ବିୟୋଗ ହୋଇଥିଲା । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାକ୍ଷଣି ଅଞ୍ଚଳରେ ଶୋକରଛାୟା ଖେଳି ଯାଇଥିଲା । ବୁଧବାର ଗାଁରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ସେ ଅତ୍ୟନ୍ତ ସରଳ, ଶାନ୍ତସ୍ୱଭାବ ଓ କର୍ତ୍ତବ୍ୟନିଷ୍ଠ ଥିଲେ । ସ୍ଥାନୀୟ ବହୁ ଲୋକ, ବନ୍ଧୁପ୍ରିୟଜନ ତାଙ୍କ ଶେଷ ଦର୍ଶନରେ ସାମିଲ ହୋଇଥିଲେ । ରାଇରଙ୍ଗପୁର ବସ୍ ମାଲିକ ସଂଘର ସଭାପତି ଓ ସମ୍ପାଦକଙ୍କ ସମେତ ବହୁ ଲୋକ ଶେଷ ଦର୍ଶନ କରି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ ।

# ଶାରୀଶୁଆପାହାଡ଼ରେ ବନ ବିଭାଗ ଓ ଖଣି ବିଭାଗର ମିଳିତ ଚଢ଼ଉ

### ୧୧ଟି ଟ୍ରାକ୍ଟର ଓ ମେସିନ୍ ଜବତ; ୧୧ ଲକ୍ଷ ଟଙ୍କା ଜରିମାନା ଆଦାୟ

**କପ୍ତିପଦା, ୩ା୫ (ସମିସ)**



ଶାରିଶୁଆପାହାଡ଼ରେ ବନବିଭାଗ ଓ ଖଣିବିଭାଗର ମିଳିତ ଚଢ଼ଉରେ ୧୧ଲକ୍ଷ ଟଙ୍କା ଜୋରିମାନା ଆଦାୟ ହେବା ସହିତ ପଥରମାଫିଆଙ୍କ ମଧ୍ୟରେ କୋକୁଆଭୟ ସୃଷ୍ଟି ହୋଇଛି । ମୟୂରଭଞ୍ଜ ଓ ବାଲେଶ୍ୱର ସୀମାନ୍ତରେ ଅବସ୍ଥିତ ଶାରିଶୁଆପାହାଡ଼, ଶିମିଳିପାଳ ଓ କୁଲଡିହାଅଭୟାରଣର ସଂଯୋଗସ୍ଥଳି ଏହି ଶାରାଶୁଆ ପାହାଡ଼ ଏବେ ପଥର ମାଫିଆଙ୍କ କବ୍ଜାରେ । ବାରମ୍ବାର ଗଣମାଧ୍ୟମରେ ଖବରପ୍ରସାର ପରେ ମଧ୍ୟ ଆରାମରେ ଖସି ଯାଉଥିଲେ ମାଫିଆ । ଶୁଖୁଆପଟା ହିଲ୍ ଅଞ୍ଚଳରେ ଖଣିଖାଦନ ବନ୍ଦ ଥିବାବେଳ ବାଲେଶ୍ୱର ଜିଲ୍ଲାର କେତକ ପଥର ମାଫିଆ ଜୋର ଜବରଦସ୍ତ ଦିନ ଦ୍ୱିପ୍ରହରେ ପଥର ବ୍ଲାଷ୍ଟିଙ୍ଗ କରି ବାହାର ଜିଲ୍ଲାକୁ ଚାଲାଣ କରୁଛନ୍ତି । ଫଳରେ ଲକ୍ଷଲକ୍ଷ ଟଙ୍କା ରାଜସ୍ୱ ହରାଉଛି ପ୍ରଶାସନ । ଏହା ସୀମାନ୍ତରେ ଥିବାରୁ ମୟୂରଭଞ୍ଜ କିମ୍ବା ବାଲେଶ୍ୱର ପ୍ରସାଶନ ଏକତ୍ରିତ ନ ହେବାରୁ ଅକ୍ଳେଶରେ ଖସି ଯାଉଥିଲେ ମାଫିଆ । ଶେଷରେ ମୟୂରଭଞ୍ଜ ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶରେ ଖଣିବିଭାଗ ଅଧିକାରୀ, ବାଲେଶ୍ୱର ଖଣିବିଭାଗ ଅଧିକାରିଣୀ, କପ୍ତିପଦା ଓ ଓଉପଦା ବନବିଭାଗର ମିଳିତ ଚଢ଼ଉରେ ମୟୂରଭଞ୍ଜ ଶୁଖୁଆପଟା ଅଞ୍ଚଳରୁ ୬ଟି ବାଲେଶ୍ୱର ଅଞ୍ଚଳରୁ ୧୧ଟି ଟ୍ରାକ୍ଟର ଓ ଗୋଟିଏ କମ୍ପ୍ରେସର ମେସିନ ଜବତ ହୋଇଛି । ଟ୍ରାକ୍ଟର ପ୍ରତି ୪୫ହଜାର ଲେଖାଏଁ ୭ଲକ୍ଷ ୬୫ହଜାର, କପ୍ତିପଦାର ୨ଟି ବାଲି ଟ୍ରାକ୍ଟର ୩୫ହଜାର ଲେଖାଏଁ ୭୦ହଜାର ଓ ମୋଟ ୧୧ଲକ୍ଷ ଟଙ୍କା ଜରିମାନା ଆଦାୟ ହୋଇଛି । ତହସିଲରୁ ଦାୟିତ୍ୱ ହସ୍ତାନ୍ତର ପରେ ବାଲି ଓ ଖଣି ମାଫିଆ ସକ୍ରିୟ ହୋଇ ଉଠିଛନ୍ତି, ଖଣି ବିଭାଗ ଦ୍ୱାରା ଅଚାନକ ଚଢାଉ ହେଲେ ନିଶ୍ଚିତ ଭାବରେ ଲକ୍ଷଲକ୍ଷ ଟଙ୍କା ରାଜସ୍ୱ ଆଦାୟ ହେବା ସହିତ ବେ ଆଇନ ଖଣିଖାଦନ ବନ୍ଦ କରିବାକୁ ମାଫିଆମାନେ ବାଧ୍ୟ ହୁଅନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ।

## ଶ୍ରମିକ ଦିବସରେ ବୃକ୍ଷରୋପଣ ବାର୍ତ୍ତା ଦେଲା ଭଞ୍ଜସେନା

**ମୋରଡା, ୩ା୫ (ସମିସ)**

ମୟୂରଭଞ୍ଜ ଜିଲାର ଅଗ୍ରଣୀ ଅଣରାଜନୈତିକ ସଂଗଠନ ଭଞ୍ଜସେନା ପକ୍ଷରୁ ଶ୍ରମିକ ଦିବସ ଅବସରରେ ମୋରଡା ବ୍ଲକର ବିଭିନ୍ନ ସ୍ଥାନରେ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛ । ସଂଗଠନର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନକ୍ରମେ ବାରିପଦା ଉପଖଣ୍ଡ ସଂଯୋଜକ ପରିତୋଷ ବାରିକଙ୍କ ନେତୃତ୍ୱରେ ବ୍ଲକର ଚିତ୍ରଡା ବଜାର, ଶୀର୍ଷାପାଳ, ମୋରଡା ବଜାର, ବାରମାଇଲରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଜିଲ୍ଲା କାର୍ଯ୍ୟକାରୀ ଅଧକ୍ଷ ସଞ୍ଜୀବ ରାଉତ ଯୋଗଦେଇ ଭଞ୍ଜସେନାର ପ୍ରତିଟି କାର୍ଯ୍ୟକର୍ତ୍ତା ବଞ୍ଚିଥିବା ଯାଏଁ ବୃକ୍ଷ ରୋପଣ କରିବା, ଜଙ୍ଗଲ ଓ ଗଛକୁ ସୁରକ୍ଷା ଦେବା ସହିତ ସବୁଜ ବଳୟ ସୃଷ୍ଟି କରିବା ସଂଗଠନର ମୂଳ ଲକ୍ଷ୍ୟ ବୋଲି କହିଥିଲେ । ସେହିପରି 'ଶିମିଳିପାଳ ବଞ୍ଚିଲେ ଆମେ ବଞ୍ଚିବା' ଓ 'ଗଛର ଶତ୍ରୁ ମୋର ଶତ୍ରୁ' ପରି ବିଭିନ୍ନ ସ୍ଲୋଗାନ ଦେଇଥିଲେ ।

## ଟାଉନ ଥାନା ପରିସରରେ ସଂକୀର୍ତ୍ତନ



**ରାଇରଙ୍ଗପୁର, ୩ା୫ (ସମିସ)**

ପୌରାଞ୍ଚଳ ଅନ୍ତର୍ଗତ ଆଦର୍ଶ ଟାଉନଥାନା ପକ୍ଷରୁ ଥାନା ପରିସରରେ ଥିବା ତ୍ରିନାଥ ବାବାଙ୍କ ମନ୍ଦିର ପ୍ରାଙ୍ଗଣରେ ଚବିଶ ପ୍ରହର ହରିନାମ ସଂକୀର୍ତ୍ତନ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ୬୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ସଂକୀର୍ତ୍ତନ ରାଇରଙ୍ଗପୁର ପୁଲିସ ଏବଂ ଅଞ୍ଚଳବାସୀଙ୍କ ସହଯୋଗରେ ଆନୁଷ୍ଠାନିକ ଭାବେ ଆୟୋଜିତ ହୋଇଆସୁଛି । ଚବିଶ ପ୍ରହର ନାମ ଯଜ୍ଞରେ କର୍ତ୍ତା ଭାବେ ଏସଡିପିଓ ଗୋକୁଳାନନ୍ଦ ସାହୁ ଏବଂ ତାଙ୍କ ସହଧର୍ମିଣୀ, ରାଇରଙ୍ଗପୁର ଟାଉନ ଥାନା ଅଧିକାରୀ ସୁଚନ୍ଦ୍ର ମହାଳିକ ଏବଂ ତାଙ୍କ ସହଧର୍ମିଣୀ, ଏଏସଆଇ ଡମ୍ବରୁଧର ମହାନ୍ତ ପୂଜାରେ ବସି ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ଦାୟିତ୍ୱ ନିଭାଇଥିଲେ । ସଂକୀର୍ତ୍ତନରେ ପୁରୁଲିଆ, ଜାମଦା, ମଲିକେଡମ, ଆହାରବନ୍ଧ ଓ ବହଡାଗୋଡ଼ାରୁ ଆସିଥିବା ସଂକୀର୍ତ୍ତନ ଦଳ ଯୋଗଦେଇଥିଲେ । ଏହି ଭକ୍ତି ରସାମୃତ ପାନ କରିବା, ରାଧାକୃଷ୍ଣଙ୍କ ଆକର୍ଷଣୀୟ ମୃଣ୍ମୟ ମୂର୍ତ୍ତି ଦର୍ଶନ ଓ ପୂଜାର୍ଚ୍ଚନା କରି ଆଶୀର୍ବାଦ ନେବାପାଇଁ ଶ୍ରଦ୍ଧାଳୁମାନଙ୍କର ଭିଡ଼ ପରିଲକ୍ଷିତ ହୋଇଥିଲା । ଥାନା ପକ୍ଷରୁ ୩ ଦିନ ଧରି ଅନ୍ନପ୍ରସାଦର ବିତରଣ କରାଯାଇଥିଲା । କାର୍ଯ୍ୟକ୍ରମରେ ସଂକୀର୍ତ୍ତନ ପ୍ରେମୀ ମନମୋହନ ପରମାଣିକ, ଉପେନ୍ଦ୍ର ନାଥ ବେହେରା, ଥାନା ଏଏସଆଇ ବିରଞ୍ଚି ନାଏକ, ଅନ୍ୟ ପୁଲିସ କର୍ମଚାରୀ, ଭେଣ୍ଡିଂଜୋନ୍ ସଦସ୍ୟ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ଗଣମାଧ୍ୟମ ସ୍ୱାଧୀନତା ଦିବସ ପାଳିତ




**ରାଇରଙ୍ଗପୁର, ୩ା୫ (ସମିସ):** ରେଡି ଭୋଲଣ୍ଟିଅର୍ସ ରାଇରଙ୍ଗପୁର ଦ୍ୱାରା ଗଣମାଧ୍ୟମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ରେଡି ଭୋଲଣ୍ଟିଅର୍ସ କ୍ୟାପଟେନ ବିଜୟ କୁମାର ରାମଙ୍କ ଆବାହକରେ ଆୟୋଜିତ ଏହି ସଚେତନତା ଦିବସରେ ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରବିଶଙ୍କର ସତପଥି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଣମାଧ୍ୟମର ଭୂମିକା ଆଲୋଚନା କରିଥିଲେ । ମୁଖ୍ୟ ବକ୍ତା ଭାବେ ଜି ନ୍ୟୁଜ ଚ୍ୟାନେଲ ଦିଲ୍ଲୀର ପ୍ରିନ୍ସ ରାଜ ଯୋଗଦେଇ ରେଡି ତାଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ରେଡି ଭୋଲଣ୍ଟିଅର ପ୍ରୀତିରାଜ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦୀପିକା ମହାରାଣା, ଭାଗବତ ନନ୍ଦ, ତପୋଇ ବେହେରା, ସୁନୀତା ଗିରି, ଶ୍ୟାମ ମଣ୍ଡଳ, ଅମିତ ଗୋପାଳ ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ । ସଭାଶେଷରେ ସୁଭଦ୍ରା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଇରଙ୍ଗପୁର ନିର୍ବାଚନମଣ୍ଡଳୀରେ ହେବ ବିଜେଡିର ଶଙ୍ଖନାଦ



**ରାଇରଙ୍ଗପୁର, ୩ା୫ (ସମିସ):** ରାଇରଙ୍ଗପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜାମଦା ବ୍ଲକ ବଡ଼ କୁଲେଇବିରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ବିଜେଡି ପକ୍ଷରୁ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀର ଆୟୋଜନ କରାଯାଇଥିଲା । ଏହି କର୍ମୀ ସମ୍ମେଳନୀର ରାଇରଙ୍ଗପୁର ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ରାଇସେନ୍ ମୁର୍ମୁ ଯୋଗ ଦେଇଥିଲେ । ତାଙ୍କୁ କର୍ମୀମାନେ ସେଠାରେ ଆଦିବାସୀ ପରମ୍ପରା ଅନୁସାରେ ସ୍ୱାଗତ କରି ସମ୍ବର୍ଦ୍ଧନା ଜଣାଇଥିଲେ । ଏହା ପରେ ଆୟୋଜିତ କର୍ମୀ ସମ୍ମେଳନୀର ରାଇସେନ ମୁର୍ମୁ ଉପସ୍ଥିତ ଲୋକମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କ ପାଇଁ ବିଭିନ୍ନ ଜନହିତକର ଯୋଜନାଗୁଡ଼ିକ ଆରମ୍ଭ କରିଛନ୍ତି । ସେହି ଯୋଜନାରୁ ଗରିବ ଲୋକମାନେ ବହୁତ ସୁବିଧା ପାଇ ପାରିଛନ୍ତି । ଏହା ବ୍ୟତୀତ ଗରିବ ଲୋକମାନଙ୍କ ଉନ୍ନତି କ୍ଷେତ୍ରରେ ସବୁବେଳେ ରାଜ୍ୟ ସରକାର ତତ୍ପର ରହିଛନ୍ତି । ତେଣୁ ପୁଣି ଥରେ ସମସ୍ତ ଲୋକମାନେ ବିଜୁ ଜନତା ଦଳକୁ ସମର୍ଥନ ଜଣାଇ ଲୋକସଭା ଓ ବିଧାନସଭା ପାଇଁ ଯୋଡ଼ି ଶଙ୍ଖରେ ବିପୁଳ ଭୋଟ ଦେଇ ପ୍ରାର୍ଥୀ ମାନଙ୍କୁ ଜୟଯୁକ୍ତ କରାଇବା ପାଇଁ ନିବେଦନ କରିଥିଲେ । ଚଳିତ ନିର୍ବାଚନରେ ଓଡ଼ିଶା ସହିତ ରାଇରଙ୍ଗପୁର ନିର୍ବାଚନମଣ୍ଡଳୀର ଶଙ୍ଖନାଦ ହେବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ତେଣୁ ଗ୍ରାମାଞ୍ଚଳରେ ସମସ୍ତଙ୍କୁ ମତଦାନ କରିବା ଆବଶ୍ୟକ ବୋଲି ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଜେଡି ଜିଲ୍ଲା ପରିଷଦ ସଭ୍ୟା ଭଗବତୀ ମିଶ୍ର, ସୂର୍ଯ୍ୟମଣି ହାଁସଦା, ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ପଙ୍କଜ ରାଉତ, ରାଇରଙ୍ଗପୁର ନିର୍ବାଚନମଣ୍ଡଳୀ ଯୁବ ସଭାପତି ରାହୁଲ ଯାଦବ, ବହଲଦା ବ୍ଲକ ସଭାପତି ହରେକୃଷ୍ଣ ମଣ୍ଡଳ, ରାଇରଙ୍ଗପୁର ପୌର ପରିଷଦ ଉପାଧକ୍ଷା ମମିତା ଚୌଧୁରୀ, ତୁମକା ହେମ୍ବ୍ରମ, ସରପଞ୍ଚ ଲକ୍ଷ୍ମଣ ହାଁସଦା, ରାଜେନ୍ଦ୍ର ମଲ୍ଲିକ, ତନୁଜା ମହାନ୍ତ, ପ୍ରକାଶ ସାହୁ, ସୁକଦେବ ସାହୁ, ସୁବାଷ ମଣ୍ଡଳ ଓ ଯୁବ ଛାତ୍ର ଜନତା ଦଳ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

### ବେତନଟୀରେ ବିଜେଡିର ଆଶୀର୍ବାଦ ଭିକ୍ଷା ସମାବେଶ

# ଲେଖାଶ୍ରୀ ଓ ଅନସୂୟାଙ୍କୁ ବିପୁଳ ସମର୍ଥନ

**ବାରିପଦା, ୩ା୫ (ସମିସ)**





ବାଲେଶ୍ୱର ଲୋକସଭା ନିର୍ବାଚନ ମଣ୍ଡଳୀ ଅଧୀନ ବେତନଟୀରେ ବିଜେଡି ପକ୍ଷରୁ ବୁଧବାର ସନ୍ଧ୍ୟାରେ ପ୍ରଥମ ନିର୍ବାଚନୀ ସଭା ବା ଆଶୀର୍ବାଦ ଭିକ୍ଷା ସମାବେଶ ମୟୂର କେମିକାଲ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା । ସାଂସଦ ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାର ଓ ବିଧାୟିକା ପ୍ରାର୍ଥିନୀ ଅନସୂୟା ପାତ୍ର ଗୋଟିଏ ମଞ୍ଚରେ ମାରାଥନ ପ୍ରଚାର କରିଛନ୍ତି । ସମାବେଶରେ ସ୍ଥାନୀୟ ଅଞ୍ଚଳର ହଜାର ହଜାର ସଂଖ୍ୟକ ମହିଳା, ପୁରୁଷ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଛନ୍ତି । ଏହି ଅବସରରେ ଉଭୟ ନେତ୍ରୀ ବିଜେପି ଉପରେ ବର୍ଷିଥିଲେ । ବିଜେପି ସରକାର ଗ୍ୟାରେଣ୍ଟି ନାମରେ ଜନତାଙ୍କୁ ମିଛ ପ୍ରତିଶ୍ରୁତି ଦେଉଛି । ବେରୋଜଗାର ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ବର୍ତ୍ତମାନ ଭାରତବର୍ଷରେ ଚିନ୍ତାର କାରଣ ସାଜିଛି ବୋଲି ସାଂସଦ ପ୍ରାର୍ଥୀନୀ ଲେଖାଶ୍ରୀ କହିଛନ୍ତି । ପ୍ରଥମେ ୨୦୧୪ ନିର୍ବାଚନରେ ପ୍ରତିବର୍ଷ ୨କୋଟିଙ୍କୁ ଚାକିରି ସୁଯୋଗ ଦେବେ ବୋଲି ପ୍ରତିଶ୍ରୁତି ଦେଇ ତାହାକୁ ପୂରଣ କରିନାହାନ୍ତି । ଚାଷୀଙ୍କ ଆୟ ଦ୍ୱିଗୁଣ ଗ୍ୟାରେଣ୍ଟି ଦେଇଥିବା ବିଜେପି ସରକାର ଫେଲ ମାରିଛି । ମହିଳାମାନଙ୍କ ସଂରକ୍ଷଣ ଦେବାରେ ମଧ୍ୟ ବିଜେପି ପଛରେ ପଡ଼ିଥିବା ବେଳେ ବିଜେଡି ସରକାର ଓଡ଼ିଶାରେ ୩୩ ପ୍ରତିଶତ ସଂରକ୍ଷଣକୁ ଲାଗୁ କରିଛି; ଯାହାକୁ ନେଇ ବଡ଼ସାହି ନିର୍ବାଚନ ମଣ୍ଡଳୀ ସମେତ ବାଲେଶ୍ୱର ଲୋକସଭା କ୍ଷେତ୍ରରେ ମହିଳାଙ୍କୁ ଗୁରୁତ୍ୱ ଦିଆଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘର କୋଣର ମହିଳାଙ୍କୁ ଘରୁ ବାହାରକୁ ଆଣି ଆଜି ସ୍ୱାବଲମ୍ବୀ କରିଛନ୍ତି । ତେଣୁକରି ଭାରତର ଏକ ନମ୍ବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସମର୍ଥନ ଜଣାଇ ଉଭୟ ବିଧାୟକ ଓ ସାଂସଦ ପାଇଁ ଯୋଡି ଶଙ୍ଖରେ ଭୋଟ ଦେବାକୁ ନିବେଦନ କରିଛନ୍ତି । ବଡ଼ସାହି ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି ପାଇଁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ନବୀନ ପଟ୍ଟନାୟକଙ୍କୁ ପଦ ଅଳଙ୍କୃତ କରିବା ପାଇଁ ସମର୍ଥନ ଜଣାଇବାକୁ ନିବେଦନ କରିଥିଲେ । ଏଥିସହିତ ନିର୍ବାଚନ ମଣ୍ଡଳୀ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାଙ୍କୁ ଗୁରୁତ୍ୱ ଦେଇଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଧନ୍ୟବାଦ ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ବିକାଶଧାରାକୁ ନିର୍ବାଚନ ମଣ୍ଡଳୀରେ ଅନବରତ ଜାରି ରଖିବା ପାଇଁ ସଦା କାର୍ଯ୍ୟରତ ରହିବେ ବୋଲି ଉଭୟ ପ୍ରତିଶ୍ରୁତି ଦେଇଛନ୍ତି । ନିର୍ବାଚନ ମଣ୍ଡଳୀର ଲୋକଙ୍କ ସେବା କରିବା ପାଇଁ ସୁଯୋଗ ମିଳିଥିବାରୁ ନିଜକୁ ଭାଗ୍ୟବାନ ମନେ କରିଛନ୍ତି । ସେଥିପାଇଁ ଧନ୍ୟବାଦ ଜଣାଇବା ସହ ସମସ୍ତ ଅଞ୍ଚଳବାସୀଙ୍କ ସହଯୋଗ କାମନା କରିଛନ୍ତି । ଲୋକମାନଙ୍କ ତାଙ୍କ ପ୍ରତି ଥିବା ଭଲ ପାଇବାକୁ ପାଥେୟ କରି ଆଗାମୀ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଥିବା କହିଛନ୍ତି । ସାଧାରଣ ଲୋକଙ୍କ ସ୍ୱରକୁ ନେଇ ସଂସଦ ଓ ବିଧାନସଭାରେ ଉପସ୍ଥାପନ କରିବା ପାଇଁ ଆଶୀର୍ବାଦ ଲୋଡ଼ିଛନ୍ତି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟସଭା ସାଂସଦ ତଥା ଷ୍ଟାର ପ୍ରଚାରକ ମମତା ମହାନ୍ତ, ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦା, ସଂଯୋଜକ ତଥା ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ସଂଯୋଜକ ମାନସ ଦାସ ପଟ୍ଟନାୟକ, ସଂଯୋଜିକା ସୀମା ଦାସ, ପୂର୍ବତନ ବିଧାୟକ ମନୋରଞ୍ଜନ ସେଠୀ, ଗଣେଶ୍ୱର ପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ, ବ୍ଲକ ଅଧ୍ୟକ୍ଷା କୌଶଲ୍ୟା ମାଝୀ, ଉପାଧ୍ୟକ୍ଷ ଦେବଦତ୍ତ ତିଆଡି, ସନ୍ତକ ଲେଙ୍କା, ବୃନ୍ଦାବନ ଦାସ, ରବିନାରାୟଣ ପଣ୍ଡା, ଜ୍ୟୋତି ସାମଲ, ତପନ ପତି, ସୁଶାନ୍ତ ବଳା, ସୁନ୍ଦର ମହାନ୍ତ, ରାକେଶ ମହାପାତ୍ର, ନିହାରରଞ୍ଜନ ମହାପାତ୍ର, ମାନସ ଜେନା, ଜିଲ୍ଲା ମହିଳା ସଭାନେତ୍ରୀ ଦୀପ୍ତିଲତା ମିଶ୍ର, ଜିଲ୍ଲା ଛାତ୍ର ସଭାପତି ସୁନିଲ କୁମାର ନାୟକ ସମେତ ବିଜେଡି ବ୍ଲକ କର୍ମକର୍ତ୍ତା ପ୍ରମୁଖ ସମେତ ଅନ୍ୟାନ୍ୟ ନେତୃମଣ୍ଡଳୀ ଉପସ୍ଥିତ ଥିଲେ ।

## ବାସନ୍ତୀ ହେମ୍ବ୍ରମଙ୍କ ପ୍ରାର୍ଥିପତ୍ର ଦାଖଲ



**ଠାକୁରମୁଣ୍ଡା, ୩ା୫ (ସମିସ)**

ବିଜୁ ଜନତା ଦଳ ପକ୍ଷରୁ କରଞ୍ଜିଆ ନିର୍ବାଚନମଣ୍ଡଳୀ ପାଇଁ ଦ୍ୱିତୀୟ ଥର ପାଇଁ ବିଧାୟିକା ପ୍ରାର୍ଥୀ ଭାବେ ବାସନ୍ତୀ ହେମ୍ବ୍ରମ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ବିଧାୟିକା ପ୍ରାର୍ଥୀ ଶ୍ରୀମତୀ ହେମ୍ବ୍ରମ ଗତ ୨୦୧୯ ରେ ନିର୍ବାଚିତ ହୋଇ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ମନ୍ତ୍ରୀ ହେବା ପରେ ବିଜୁ ଜନତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ତାଙ୍କୁ ଭରସା କରି ଦ୍ୱିତୀୟ ବାର କରଞ୍ଜିଆ ନିର୍ବାଚନମଣ୍ଡଳୀ ପାଇଁ ଟିକଟ ଦେଇଛନ୍ତି । ତେବେ ଶୁକ୍ରବାର ନିଜର ହଜାର ହଜାର ସମର୍ଥକଙ୍କ ସହିତ ଏକ ବିରାଟ ରାଲିରେ ଆସି କରଞ୍ଜିଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନିଜର ନାମାଙ୍କନପତ୍ର ଦାଖଲ କରିଛନ୍ତି ।

